ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.169 Bhubaneswar Sunday Augeust 21 2022 | ୨୫ତମ ବର୍ଷ ସଂଖ୍ୟା-୧୬୯ ଭୁବନେଶ୍ୱର ରବିବାର, ଅଗଷ୍ଟ ୨୧, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ .50 (Air Surcharge - 0.50P) | Member-INS


## ଉତ୍ତର ଓଡିଶାରେ ବନ୍ୟା ଆଶଙ୍କା: ସବୁ ନଦୀର ଜଳସ୍ତର ବଢୁଛି



ଭୁବନେଶ୍ୱର,୨୦।୮(ପି.ଏନ): ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଉତ୍ତର ଓଡିଶାର ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଏହାର ପ୍ରଭାବରେ ଆସନ୍ତା ୩୦ଘଂଟା ମଧ୍ୟରେ ଉତ୍ତର ଓଡିଶାରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି । ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ବ୍ରାହ୍ମଣୀ ଆଦି ନଦୀର ଜଳସ୍ତର କ୍ରମାଗତ ଭାବେ ଗତକାଲିଠୁ ବୃଦ୍ଧି ପାଇବାରେ ଲାଗିଥିବାବେଳେ ପ୍ରଶାସନ ପକ୍ଷରୁ ସତର୍କ ପଦକ୍ଷେପ ନିଆଯାଇଛି ।ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ଆଜି ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ, ଆସନ୍ତା ୩୦ଘଂଟା ମଧ୍ୟରେ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିବାର ଆଶଙ୍କା ରହିଛି । ଝାଡଖଣ୍ଡର ଗାଲୁଡିହ ବ୍ୟାରେଜର ୭ଟି ଗେଟ୍ ଖୋଲା ରହିଛି ଓ ପ୍ରାୟ ୪ଲକ୍ଷ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି । ଏହି ଜଳ ଆସନ୍ତା ୩୦ଘଂଟା ମଧ୍ୟରେ ଏସବୁ ନଦୀରେ ଆସିଲେ ତା'ର ପ୍ରଭାବରେ ସୁବର୍ଣ୍ଣରେଖା ଓ ବୁ ?ାବଳଙ୍ଗ ନଦୀରେ ବନ୍ୟା ହେବାର ଆଶଙ୍କା ରହିଛି । ଏସଆରସିଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁସାରେ ବ୍ରାହ୍ମଣୀ ନଦୀର ଜଳସ୍ତର ପାନପୋଷ, ଜେନାପୁରଠାରେ ଆଜି ସକାଳ ୬ଟା ପରଠୁ ବୃଦ୍ଧି ପାଇବାରେ ଲାଗିଥିବାବେଳେ ବୈତରଣୀ ନଦୀର ଜଳସ୍ତର ଆନନ୍ଦପୁର, ଆଖୁଆପଦାଠାରେ ମଧ୍ୟ କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି । ସେହିପରି ବୁ ?ାବଳଙ୍ଗର ଜଳସ୍ତର ଜାତୀୟ ରାଜପଥ-୫ ନିକଟରେ ମଧ୍ୟ କ୍ରମାଗତ ବଢ଼ିବାରେ ଲାଗିଛି । ସେହିପରି ସୁବର୍ଣ୍ଣରେଖା ନଦୀର ଜଳସ୍ତର ଜାମଶୋଳାଘାଟ, ରାଜଘାଟଠାରେ ବୃଦ୍ଧି ପାଇବାରେ ଲାଗିଛି । ଅନ୍ୟପକ୍ଷରେ ବାଂଶଧାରା ନଦୀର ଜଳସ୍ତର ଗୁଣୁପୁର ଓ କାଶୀନଗରଠାରେ ବୃଦ୍ଧି ପାଉଥିବାବେଳେ ବିପଦ ସଙ୍କେତ ଉର୍ଦ୍ଧ୍ୱରେ ଏହା ପ୍ରବାହିତ ହେଉଥିବା ଜଣାପଡିଛି । ଜଳକା ନଦୀର ଜଳସ୍ତର ମଧ୍ୟ ଗତକାଲିଠୁ ବୃଦ୍ଧି ପାଇବାରେ ଲାଗିଛି ।ତେବେ ହୀରାକୁଦର ଏବେ ମାତ୍ର ୪ଟି ଗେଟ୍ ଖୋଲା ଥିବାବେଳେ ଜଳଭଣ୍ଡାରର ସ୍ତର ଏବେ ୬୨୦.୫୦ଫୁଟ୍ ଜଳ ରହିଛି । ଜଳଭଣ୍ଡାର ଭିତରକୁ ୧.୪୦ଲକ୍ଷ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ୧.୦୧ ଲକ୍ଷ କ୍ୟୁସେକ ଜଳ ନିଷ୍କାସିତ ହେଉଛି । ତେବେ ମୁଣ୍ଡଳୀଠାରେ ଏବେବି ୮.୩୫ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି ।ଉତ୍ତର ଓଡିଶାରେ ଗତକାଲିଠୁ ପ୍ରବଳ ବର୍ଷା ଲାଗି ରହିଥିବାରୁ କାନ୍ଥପଡି ୫ଜଣଙ୍କ ମୃତ୍ୟୁ ହୋଇଥିବା ପ୍ରାରମ୍ଭିକ ରିପୋର୍ଟରୁ ଜଣାପଡିଛି । ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାରେ ଜଣେ ଲେଖାଏଁ ଓ ମୟୂରଭଞ୍ଜ ଜିଲ୍ଲାରେ ୨ଜଣଙ୍କ କାନ୍ଥପଡି ମୃତ୍ୟୁ ଘଟିଥିବା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

## ବନ୍ୟା ପାଇଁ ଘୁଂଚିଲା ଯୁକ୍ତ-୨ ନାମଲେଖା ଅବଧି




ଭୁବନେଶ୍ୱର , ୨୦।୮(ପି.ଏନ): ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଯୁକ୍ତ-୨ ଛାତ୍ରଛାତ୍ରୀମାନଙ୍କ ନାମଲେଖା ତାରିଖ ଅବଧିକୁ ବୃଦ୍ଧି କରାଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଅନୁମୋଦନ କ୍ରମେ ଯୁକ୍ତ-୨ ନାମଲେଖା ନିମନ୍ତେ ପରିବର୍ତ୍ତିତ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଛି । ଏହି ନୂତନ କାର୍ଯ୍ୟସୂଚୀ ଅନୁଯାୟୀ ଯୁକ୍ତ-୨ ପ୍ରଥମ ପର୍ଯ୍ୟାୟ ନାମଲେଖା ତାରିଖ ଅଗଷ୍ଟ୧୯ରୁ ୨୫ ତାରିଖ ସ୍ଥିର କରାଯାଇଥିବାବେଳେ ଏବେ ଏହା ଅଗଷ୍ଟ ୩୦ ତାରିଖକୁ ବୃଦ୍ଧି କରାଯାଇଛି । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଅବଧି ସେପ୍ଟେମ୍ବର ୫ରୁ ୭ ତାରିଖ ଥିବାବେଳେ ତାହା ସେପେଟମ୍ବର ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଘୁଂଚାଇ ଦିଆଯାଇଛି । ତତ୍କାଳ ନାମଲେଖା (ସ୍ପଟ୍ ସିଲେକ୍ସନ୍)ର ଅବଧି ସେପ୍ଟେମ୍ବର ୧୫ ଓ ୧୬ ତାରିଖ ରଖାଯାଇଥିଲା । ବିଭିନ୍ନ ମହାବିଦ୍ୟାଳୟରେ ଏବେ ଏହି ତତ୍କାଳ ନାମଲେଖା ସେପ୍ଟେମ୍ବର ୧୭ରୁ ୨୦ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ମନ୍ତ୍ରୀ ଶ୍ରୀ ଦାଶ ପ୍ରକାଶ କରିଛନ୍ତି ।

## ଗଭୀର ଅବପାତର ପ୍ରଭାବରେ ପ୍ରବଳ ବର୍ଷା

ଭୁବନେଶ୍ୱର, ୨୦।୮(ପି.ଏନ): ବାଲେଶ୍ୱରର ଭୋଗରାଇରେ ସବୁଠାରୁ ଅଧିକ ୨୨୬ ମିମି ବର୍ଷା ରେକର୍ଡ ଗଭୀର ଅବପାତ ପ୍ରଭାବରେ ରାଜ୍ୟର ଗତ ୨୪ ଘଣ୍ଟା ମଧ୍ୟରେ ବିଭିନ୍ନ ସ୍ଥାନରେ ପ୍ରବଳ ବୃଷ୍ଟିପାତ ହୋଇଥିବା ଜଣା ପଡିଛି । ବାଲେଶ୍ୱର ଭୋଗରାଇରେ ସର୍ବାଧିକ ୨୨୬ ମିମି ବର୍ଷା ରେକର୍ଡ କରାଯାଇଛି । ୨ଟି ସ୍ଥାନରେ ଅତ୍ୟନ୍ତ ପ୍ରବଳ, ୨୭ଟି ସ୍ଥାନରେ ଅତି ପ୍ରବଳ ବର୍ଷା ହୋଇଥିବା ବେଳେ ୪୯ଟି ସ୍ଥାନରେ ପ୍ରବଳ ବର୍ଷା ନେଇ ଭୁବନେଶ୍ୱର ସ୍ଥିତ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।ଭୁବନେଶ୍ୱର ସ୍ଥିତ ପାଣିପାଗ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ କନ୍ଧମାଳର ଫିରିଙ୍ଗିଆରେ ୨୧୧ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ନଓ୍ୱାନା- ୧୯୬.୪ ମିମି, ଟିକାବାଲି ଠାରେ ୧୯୬ ମିମି ଚକାପାଦ- ୧୯୦ ମିମି ବର୍ଷା ରେକର୍ଡ କରାଯାଇଛି ।ସେହିପରି ବହଳଦା ଠାରେ ୧୮୬ ମିମି, ବାଟଗାଁ ଠାରେ ୧୮୫.୨ ମିମି, କୁସୁମି ଠାରେ ୧୭୯ ମିମି, -ଫୁଲବାଣି ଠାରେ ୧୬୮.୨, ତିରିଂ ଠାରେ ୧୬୫ ମିମି ଉଦଳା ଠାରେ ୧୬୪.୬ ମିମି, ଜୁନାଗଡ଼ ଠାରେ ୧୬୧ ମିମି, ଯଶୀପୁର ଠାରେ ୧୬୦ ମିମି ତଥା ରାଜଘାଟ- ୧୫୩ ମିମି ବର୍ଷା ରେକର୍ଡ କରାଯାଇଛି ।

## ମହାନଦୀର ପ୍ରଖର ସ୍ରୋତରେ ଭାସିଗଲା ଡଙ୍ଗା, ଅଳ୍ପକେ ବର୍ତ୍ତିଲା ୩୦ ଜୀବନ



କେନ୍ଦ୍ରାପଡ଼ା,୨୦।୮(ପି.ଏନ): ମହାନଦୀର ପ୍ରଖର ସ୍ରୋତରେ ଭାସିଗଲା ଡଙ୍ଗା। ୩୦ ଯାତ୍ରୀ ଥିବା ଡଙ୍ଗାଟି ୪ରୁ ୫ କିମି ଯାଏଁ ଭାସି ଯାଇଥିଲା। ଡଙ୍ଗାଟି ପାରାଦୀପରୁ ବାହାରି ମହାକାଳପଡ଼ା ବାହାକୁଦ ଘାଟକୁ ଯାଉଥିଲା। ଖବର ପାଇ ଉଦ୍ଧାର ପାଇଁ ଗଲା ମେରାଇନ ବୋଟ୍। ଏନେଇ ସୂଚନା ଦେଲେ ମହାକାଳପଡ଼ା ବିଡିଓ ।ଡଙ୍ଗାଟି ୩୦ ଜଣ ଯାତ୍ରୀଙ୍କୁ ଧରି ପାରାଦୀପରୁ ବାହାରିଥିଲା। ହେଲେ ମହାନଦୀ ମଝିରେ ହଠାତ୍ ଡଙ୍ଗାରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିଲା। ଫଳରେ ଡଙ୍ଗାଟି ମହାନଦୀର ପ୍ରଖର ସ୍ରୋତରେ ଭାସି ଯାଇଥିଲା। ପାଖାପାଖି ୪ରୁ ୫ କିମି ଯାଏଁ ଭାସି ଯାଇଥିଲା। କିନ୍ତୁ ଡଙ୍ଗା ଚାଳକ ଲଙ୍ଗର ପକାଇ ଅଟକାଇଥିଲେ। ଏହା ପରେ ଡଙ୍ଗାରେ ବସିଥିବା ଯାତ୍ରୀଙ୍କ ଭିତରେ ଭୟର ବାତାବରଣ ଖେଳି ଯାଇଥିଲା। ଡଙ୍ଗାରେ ବସିଥିବା ଲୋକମାନେ ଏନେଇ ମହାକାଳପଡା ବିଡିଓ ଓ ଥାନାକୁ ଖବର ଦେଇଥିଲେ। ଖବର ପାଇ ଉଦ୍ଧାର ପାଇଁ ମେରାଇନ୍ ବୋଟ୍ ଯାଇଥିବା ଜଣାପଡିଛି ।ସୂଚନାରୁ ପ୍ରକାଶ, ଲଘୁଚାପ ଜନିତ ବର୍ଷା ପାଇଁ ମହାନଦୀରେ ଡଙ୍ଗା ଚଳାଇ ଯାତ୍ରୀ ନେବା ଉପରେ କଟକଣା ଲାଗିଥିଲା। ଏହା ସତ୍ତ୍ୱେ ଡଙ୍ଗା ଚଳା ଯାଇଥିଲା। ଯେଉଁଥିପାଇଁ ୩୦ ଜଣଙ୍କ ଜୀବନ ବିପଦରେ ପଡିଛି।

## ହୀରାକୁଦ ଜଳଭଣ୍ଡାରର ୪ ଗେଟ୍ ଖୋଲା

ଭୁବନେଶ୍ୱର, ୨୦।୮(ପି.ଏନ): ଶନିବାର ଦିନ ହୀରାକୁଦ ଜଳ ଭଣ୍ଡାରର ୧୬ଟି ଗେଟ୍ କୁ ବନ୍ଦ କରିଦିଆଯାଇଛି। ଗତକାଲି ୨୦ ଟି ଗେଟ୍ ଦେଇ ଜଳ ନିଷ୍କାସନ ହେଉଥିବା ବେଳେ ଶନିବାର ସନ୍ଧ୍ୟା ସୁଦ୍ଧା ୪ ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି ।ଶନିବାର ସନ୍ଧ୍ୟା ୬ଟା ବେଳକୁ ହୀରାକୁଦର ଜଳସ୍ତର ୬୨୦.୫୦ ଫୁଟ୍ ରହିଛି । ହୀରାକୁଦକୁ ପ୍ରତି ସେକେଣ୍ଡରେ ୧,୪୦,୨୨୨ କ୍ୟୁସେକ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ୧,୦୧,୫୫୮ କ୍ୟୁସେକ ବନ୍ୟାଜଳ ନିଷ୍କାସନ ହେଉଛି। ସନ୍ଧ୍ୟା ସୁଦ୍ଧା ଖଇରାମାଳ ଠାରେ ୫ ଲକ୍ଷ ୯୦ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ବରମୂଳ ଠାରେ ୭ ଲକ୍ଷ ୫୯ ହଜାର କ୍ୟୁସେକ୍ ଏବଂ ମୁଣ୍ଡଳି ଠାରେ ୮ ଲକ୍ଷ ୩୫ ହଜାର ୬୭୨ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି।

## ଅଗଷ୍ଟ ୨୭ରେ ହେବ ଏଏସଓ ପରୀକ୍ଷା

ଭୁବନେଶ୍ୱର , ୨୦।୮(ପି.ଏନ): ଅଗଷ୍ଟ ୨୧ରେ ହେବାକୁ ଥିବା ଆସିଷ୍ଟାଂଟ ସେକସନ ଅଫିସର (ଏଏସଓ) ପରୀକ୍ଷା ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବ। ଓପିଏସସି ଅଧ୍ୟକ୍ଷ ସତ୍ୟଜିତ ମହାନ୍ତି ଟ୍ୱିଟ୍ କରି ଏହି ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ୨୭ ତାରିଖ ଶନିବାର ୩ଟି ସିଟିଂରେ ପରୀକ୍ଷା ହେବ । ସକାଳ ୯ଟାରୁ ୧୦ଟା ୩୦ ଯାଏ ଜେନେରାଲ ଆୱାରନେସ୍ ପରୀକ୍ଷା ହେବ । ତା ପରେ ୧୧ଟା ୩୦ରୁ ଦିନ ୧ଟା ଯାଏ ରିଜନିଂ ଓ ମ୍ୟାଥମେଟିକ୍ସ ପରୀକ୍ଷା ହେବ । ତା'ପରେ ଦିନ ୨ଟା ୩୦ରୁ ଅପରାହ୍ନ ୪ଟା ୩୦ ଯାଏ ଇଂରାଜୀ ଓ ଓଡ଼ିଆ ଭାଷା ପରୀକ୍ଷା ହେବ ବୋଲି ଓପିଏସ୍ସି ପକ୍ଷରୁ କୁହାଯାଇଛି ।ସୂଚନାଯୋଗ୍ୟ, ପୂର୍ବରୁ ଅଗଷ୍ଟ ୨୧ରେ ଏଏସଓ ପରୀକ୍ଷା ହେବା ନେଇ ସ୍ଥିର ହୋଇଥିଲା। କିନ୍ତୁ ବନ୍ୟା କାରଣରୁ ଏହି ପରୀକ୍ଷାକୁ ସ୍ଥଗିତ ରଖିବାକୁ ଘୋଷଣା କରିଥିଲା ଓଡ଼ିଶା ପବ୍ଲିକ ସର୍ଭିସ କମିସନ(ଓପିଏସ୍ସି)।

## ଏମସ୍ ଛାତରୁ ଡେଇଁ ରୋଗୀ ମୃତ

ଭୁବନେଶ୍ୱର , ୨୦।୮(ପି.ଏନ): ଭୁବନେଶ୍ୱର ଏମ୍ସ ହସ୍ପିଟାଲର ପଂଚମ ମହଲାରୁ ଜଣେ ରୋଗୀ ମୃତ୍ୟୁ ବରଣ କରିଛନ୍ତି। ମୃତ ରୋଗୀ ହେଉଛନ୍ତି ମହେନ୍ଦ୍ର ସ୍ୱାଇଁ। ତେବେ ସେ କେଉଁ କାରଣରୁ ଛାତରୁ ଡେଇଁଲେ ତାହା ଜଣାପଡିନାହିଁ। ପୁରୀ ଅଂଚଳର ମହେନ୍ଦ୍ର ସ୍ୱାଇଁ ଗତ କିଛି ଦିନ ଧରି ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇଥିଲେ। ଏମ୍ସ ର ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ତାଙ୍କର ଚିକିତ୍ସା ଚାଲିଥିଲା। ତେବେ ଶନିବାର ଅପରାହ୍ନରେ ସେ ଝରକା ଦେଇ ପଂଚମ ମହଲାରୁ ତଳକୁ ଡେଇଁ ପଡ଼ିଥିଲେ। ମହେନ୍ଦ୍ରଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରାଯାଇ ମେଡ଼ିକାଲ୍ ରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ୯ମ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଛାୟା ଜାତିସଂଘ ଉଦ୍‌ଘାଟିତ

## ମାନବବାଦ ହେଉଛି ପ୍ରକୃତ ଶିକ୍ଷା: ପ୍ରଫେସର ଗଣେଶୀ ଲାଲ୍




ଭୁବନେଶ୍ୱର,୨୦।୮(ପି.ଏନ): ମାନବବାଦ ହେଉଛି ପ୍ରକୃତ ଶିକ୍ଷା ବୋଲି ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି। ଆଜି ୯ମ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ ଛାୟା ଜାତିସଂଘକୁ ଉଦ୍‌ଘାଟନ କରି ଶ୍ରୀ ଲାଲ୍ କହିଲେ, ଛାତ୍ରଛାତ୍ରୀମାନେ ହେଉଛନ୍ତି ନିଜେ ନିଜର ଶିକ୍ଷକ। ସେମାନେ ଜ୍ଞାନ ଆହାରଣ କରିବା ସହ ଏଥିରୁ ଶିକ୍ଷା ଲାଭ କରିଥାନ୍ତି। ଆମ୍ଭେମାନେ ଆତ୍ମକୈନ୍ଦ୍ରିକ ହେବା ଅପେକ୍ଷା ବିଶ୍ୱ କୈନ୍ଦ୍ରିକ ହେବା ଉଚିତ୍ ବୋଲି ସେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଆମେମାନେ ନିଜ କଥା ଚିନ୍ତା କରିବା ବେଳେ ସମଗ୍ର ମାନବଜାତି ବିଷୟରେ ଚିନ୍ତା କରିବା ଉଚିତ୍। ସହନଶୀଳ, ସମଭାବାପନ୍ନ, ଦୟା ଓ କରୁଣା ହେଉଛି ପ୍ରକୃତ ଶିକ୍ଷା। ତେଣୁ ଆମମାନଙ୍କୁ ଆତ୍ମ ଅହଙ୍କାର, ଅସୂୟା ଆଦି ପରିତ୍ୟାଗ କରିବାକୁ ପଡ଼ିବ ବୋଲି ଶ୍ରୀ ଲାଲ୍ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଆତ୍ମଜାଗ୍ରତ କରାଇବା ନେଇ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଛାୟା ଜାତିସଂଘର ବିଷୟବସ୍ତୁ ଶରଣାର୍ଥୀ ସମସ୍ୟା ଉପରେ ଆଲୋକପାତ କରି ପ୍ରଫେସର ଲାଲ୍ କହିଲେ, ବିଶ୍ୱ ମାନବବାଦ ଦ୍ୱାରା ଶରଣାର୍ଥୀ ସମସ୍ୟାର ସମାଧାନ ହୋଇପାରିବ। ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ୟୁଏନ୍‌ଡିପିର ଓଡ଼ିଶା ମୁଖ୍ୟ ଆଭା ମିଶ୍ର କହିଲେ ସମଗ୍ର ବିଶ୍ୱର ଶାନ୍ତି ଓ ସମୃଦ୍ଧି ପାଇଁ ମିଳିତ ଜାତିସଂଘର ସମସ୍ତ ସଂସ୍ଥା ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଜଳବାୟୁ ପରିବର୍ତ୍ତନଠାରୁ ଆରମ୍ଭ କରି ଶରଣାର୍ଥୀ ସମସ୍ୟା ଆଦି ବିଶ୍ୱ ସମସ୍ୟା ସମାଧାନ କ୍ଷେତ୍ରରେ ସରକାରଙ୍କ ଦୃଷ୍ଟିକୋଣ ସହ ସାମଗ୍ରିକ ବିକାଶ ଦିଗରେ ମିଳିତ ଜାତିସଂଘ କାର୍ଯ୍ୟକରୁଛି ବୋଲି ସେ କହିଥିଲେ। ବିକାଶ ସବୁବେଳେ ଲୋକକୈନ୍ଦ୍ରିକ ହେବା ଉଚିତ୍। ଏହି ଛାୟା ଜାତିସଂଘରେ ଭାଗ ନେଇଥିବା ଛାତ୍ରଛାତ୍ରୀମାନେ ଜାତିସଂଘର ଯେଉଁ ୧୭ଟି ସ୍ଥାୟୀ ବିକାଶ ଲକ୍ଷ୍ୟ ରହିଛି ତାହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବାର ସୁଯୋଗ ପାଇବେ ବୋଲି ସେ କହିଥିଲେ। ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ଏବଂ ବିଭିନ୍ନ ବିଶ୍ୱ ସମସ୍ୟାର ସମାଧାନ ନିମନ୍ତେ ଛାତ୍ରଛାତ୍ରୀମାନେ ସେମାନଙ୍କର ସୁଚିନ୍ତିତ ମତାମତ ଓ ପରାମର୍ଶ ଦିଅନ୍ତୁ ବୋଲି ଶ୍ରୀମତୀ ମିଶ୍ର କହିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ଜ୍ଞାନ ଆହରଣ କରିବାର ଏହା ହେଉଛି ଏକ ପ୍ରକୃଷ୍ଟ ମଞ୍ଚ। ଛାତ୍ରଛାତ୍ରୀଙ୍କ ପାଇଁ ଓଡ଼ିଶାରେ ପ୍ରଥମ କରି କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ଛାୟା ଜାତିସଂଘ ଆରମ୍ଭ କରିଥିଲା। ଶରଣାର୍ଥୀ ସମସ୍ୟା ଉପରେ ଆଲୋଚନା କରି ଶ୍ରୀ ସାମନ୍ତ କହିଥିଲେ ବିଭିନ୍ନ କାରଣରୁ ସମଗ୍ର ବିଶ୍ୱରେ ବିସ୍ଥାପନ ଏକ ସମସ୍ୟା ଭାବେ ଉଭା ହୋଇଛି। ବିସ୍ଥାପନ ହେଉଛି କଷ୍ଟଦାୟକ। ଯଦି ବଳପୂର୍ବକ ବିସ୍ଥାପନ ହୁଏ, ତେବେ ଏହା ଅତି କଷ୍ଟଦାୟକ। ତେଣୁ ଏହି ସମସ୍ୟା ସମାଧାନ ନିମନ୍ତେ ଆମ ସମସ୍ତଙ୍କୁ ଚିନ୍ତା କରିବାକୁ ପଡ଼ିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ଚେୟାରପର୍ସନ୍ ଡ. ମୋନା ଲିସା ବଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ୍‌ର ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ଉପସ୍ଥିତ ଥିଲେ। ଛାୟା ଜାତିସଂଘର ମହାସଚିବ ଭାବେ ନାଭ୍ୟା ଘଡ଼େଇ ଏବଂ ଉପ ମହାସଚିବ ସାନନ୍ଦିତା ବାନାର୍ଜୀ ମନୋନୀତ ହୋଇଛନ୍ତି। ତିନି ଦିନଧରି ଚାଲିବାକୁ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ବିଦ୍ୟାଳୟରୁ ୭୦୦ରୁ ଊର୍ଦ୍ଧ୍ୱ ଛାତ୍ର ପ୍ରତିନିଧି ଯୋଗ ଦେଇଛନ୍ତି।

## ପୁଲିସ୍ ଏସ୍‌ଆଇ ପରୀକ୍ଷାରେ ବିଭ୍ରାଟ

ଭୁବନେଶ୍ୱର,୨୦।୮(ପି.ଏନ): ଓଡ଼ିଶା ପୁଲିସ୍ ର ଏସ୍‌ଆଇ ପରୀକ୍ଷା ବେଳେ ଟେକ୍ନିକାଲ ସମସ୍ୟା ଯୋଗୁଁ ସବୁ ଛାତ୍ରଛାତ୍ରୀ ପରୀକ୍ଷା ଦେବା ସମ୍ଭବପର ହୋଇପାରିନି। ଏହାକୁ ନେଇ ଭୁବନେଶ୍ୱର ଓ କଟକ ସମେତ ବିଭିନ୍ନ ସ୍ଥାନରେ ହୋଇଥିବା ପରୀକ୍ଷା କେନ୍ଦ୍ରରେ ପ୍ରବଳ ଉତେଜନା ଦେଖାଦେଇଛି। ଏହି ବିଭ୍ରାଟକୁ ଖୁବ୍ ଶୀଘ୍ର ଦୂର କରାଯିବ ଏବଂ କୌଣସି ପରିକ୍ଷାର୍ଥୀ ପରୀକ୍ଷା ଦେବାକୁ ବଂଚିତ ହେବେନି ବୋଲି ଓଡ଼ିଶା ପୁଲିସ ରିକ୍ରୁଟମେଂଟ ବୋର୍ଡ (ଓପିଆରବି)ଅଧ୍ୟକ୍ଷ ଡକ୍ଟର ସୁଧାଂଶୁ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି ।ପୁଲିସ ସବ ଇନ୍ସପେକ୍ଟର ପରୀକ୍ଷାରେ ବିଭ୍ରାଟ ପ୍ରସଙ୍ଗରେ ସେ ଟୁଇଟ୍ କରି କହିଛନ୍ତି, ଏହା ସଫ୍ଟଓୟାରରେ ତ୍ରୁଟି ପାଇଁ ହୋଇଛି। ପରୀକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ଏକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି, ବୈଷୟିକ ତ୍ରୁଟି ପାଇଁ କିଛି ଜାଗାରେ ବିଭ୍ରାଟ ଘଟିଥିବା ସୂଚନା ମିଳିଛି। ପ୍ରଶ୍ନପତ୍ର ଠିକ୍ ଭାବେ ଡାଉନଲୋଡ୍ ହୋଇପାରି ନଥିବା ଯୋଗୁ ସିପିଏସଇ-୨୦୧୮ ପରୀକ୍ଷାରେ ଏଭଳି ସମସ୍ୟା ଉପୁଜିଛି। ଯେଉଁଠି ଆଜି ପରୀକ୍ଷା ହୋଇ ନ ପାରିଛି କାଲି ସକାଳ ୧୦ଟାରେ ପିଲାମାନେ ପରୀକ୍ଷା ଦେବେ। ଏହାପରେ ଯେଉଁମାନେ ବଂଚିତ ହେବେ ୧୦ ଦିନ ପରେ ପୁଣି ଥରେ ସେମାନଙ୍କୁ ଡକାଯିବ। ପରୀକ୍ଷା ବାତିଲ ହୋଇନି, ବିଳମ୍ବରେ ଆରମ୍ଭ ହୋଇଛି।

## ୨୭ ସୁଦ୍ଧା ଫସଲ କ୍ଷୟକ୍ଷତି ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ



ଭୁବନେଶ୍ୱର,୨୦।୮(ପି.ଏନ): ଚଳିତ ବନ୍ୟା ଓ ଲଗାଣ ବର୍ଷା ଯୋଗୁ ଫସଲ, ମତ୍ସ୍ୟ ଓ ପଶୁସମ୍ପଦର କ୍ଷୟକ୍ଷତି ରିପୋର୍ଟ ଚଳିତମାସ ୨୭ତାରିଖ ସୁଦ୍ଧା ଦାଖଲ କରିବା ପାଇଁ କୃଷି, ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି ।ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆଜି କୃଷି ଭବନରେ ବିଭାଗର ପ୍ରମୁଖ ସଚିବ, ସମସ୍ତ ନିର୍ଦ୍ଦେଶକ, ସମସ୍ତ ଜିଲ୍ଲା କୃଷି ଅଧିକାରୀ, ଜିଲ୍ଲା ପଶୁସମ୍ପଦ ଅଧିକାରୀ ଓ କ୍ଷେତ୍ର ଅଧିକାରୀମାନଙ୍କ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏକ ବୈଠକ କରି ବନ୍ୟା ଓ ଲଗାଣ ବର୍ଷା ଯୋଗୁ ଉପୁଜିଥିବା ସ୍ଥିତି ସମ୍ପର୍କରେ ବିଚାରବିମର୍ଶ କରିଛନ୍ତି । ପ୍ରଭାବିତ ଚାଷୀଙ୍କ ଫସଲର ବିକଳ୍ପ ବ୍ୟବସ୍ଥା ଓ ପ୍ରଭାବିତ ମତ୍ସ୍ୟ ଓ ପଶୁସମ୍ପଦର ସୁରକ୍ଷା ଦିଗରେ ବିଭାଗୀୟ ଅଧିକାରୀମାନଙ୍କୁ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ, ରାଜ୍ୟରେ ବନ୍ୟା ପରିସ୍ଥିତିରେ ପ୍ରାଣୀଧନ ଓ ମତ୍ସ୍ୟସମ୍ପଦର ସୁରକ୍ଷା, ତୁରନ୍ତ ଚିକିତ୍ସା ସୁବିଧା ଓ ଆନୁସଙ୍ଗିକ ବ୍ୟବସ୍ଥା ନିମନ୍ତେ ଜିଲ୍ଲା ଓ ନିର୍ଦ୍ଦେଶାଳୟରେ ଅଗଷ୍ଟ ୧୬ତାରିଖରୁ କାର୍ଯ୍ୟକ୍ଷମ କରାଯାଇଛି । ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ଅଧୀନରେ ଭୁବନେଶ୍ୱରରେ ୨୪ଘଂଟିଆ କଂଟ୍ରୋଲ ରୁମ୍ (ଫୋନ୍ ନମ୍ବର-୦୬୭୪୨୩୯୩୯୫୮) ଓ କୃଷି ଭବନରେ ୦୬୭୪-୨୩୯୩୨୪୨ ନମ୍ବର ସହ କଂଟ୍ରୋଲ ରୁମ୍ ମଧ୍ୟ ଖୋଲିଛି । ଏଠାରେ ବିଭାଗୀୟ ବରିଷ୍ଠ ଅଧିକାରୀମାନଙ୍କୁ ନୋଡାଲ ଅଫିସର ଭାବେ ନିୟୋଜିତ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ।ସୂଚନାଯୋଗ୍ୟ, ରାଜ୍ୟରେ ବନ୍ୟା ଜଳ ଏବେ ଛାଡିବାର ଲାଗିଥିବାବେଳେ ବିଭିନ୍ନ ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ ପ୍ରକ୍ରିୟା ଆରମ୍ଭ ହେବ । ରାଜ୍ୟର ପ୍ରାୟ ୧୨ଟି ଜିଲ୍ଲାରେ ବନ୍ୟା ପରିସ୍ଥିତି ଓ ଲଗାଣ ବର୍ଷା ପ୍ରଭାବରେ ୧୦ଟି ଜିଲ୍ଲାରେ କ୍ଷୟକ୍ଷତି ହୋଇଛି ।

## ଅଧା ବୁଡ଼ିଛି ରାଜଧାନୀ ସରକାରଙ୍କ ନିଦ ଭାଙ୍ଗୁନି : କଂଗ୍ରେସ

ଭୁବନେଶ୍ୱର ,୨୦।୮(ପି.ଏନ): ମହାନଦୀରେ ବନ୍ୟା ପାଣି ଆସିବା ପରେ କୁଆଖାଇ, ଦୟାନଦୀର ପାର୍ଶ୍ୱବର୍ତ୍ତି ଅଂଚଳ ବନ୍ୟା ଘେରରେ ରହିଛି। ରାଜଧାନୀର ତଳିଆ ଅଂଚଳ ଗୁଡ଼ିକରେ ବସବାସ କରୁଥିବା ଲୋକମାନେ ଅସହାୟ ଅବସ୍ଥାରେ ଅଛନ୍ତି। ଏହା ସତ୍ତ୍ୱେ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗୁ ନାହିଁ ବୋଲି କହିଛନ୍ତି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ। ସେ କହିଛନ୍ତି ଯେ ଏ ସମ୍ପର୍କରେ ଦାବି ପତ୍ର ସରକାରଙ୍କୁ ପ୍ରଦାନ କରା ଯିବ ।ସେ କହିଛନ୍ତି ଯେ - ସୁନ୍ଦରପଦା, ଲିଙ୍ଗିପୁର, ଇଟିପୁର, କଲ୍ୟାଣପୁର, ଟିକରପଡ଼ା, ନୂଆଗାଁ, ନାଥପୁର ଗ୍ରାମବାସୀମାନେ ଅନାଥ ଅବସ୍ଥାରେ ଅଛନ୍ତି। ସେହିପରି ଚନ୍ଦକା ଓ ଅନ୍ୟାନ୍ୟ ଅଂଚଳ ବୁଡ଼ିଯିବାରୁ ଲୋକମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖିନ ହୋଇଛନ୍ତି। ହାଇଟେକ ଅଂଚଳରୁ ଲୋକମାନେ ପିଲାଛୁଆ ଧରି ପ୍ରାଣ ବିକଳରେ ଅନ୍ୟ ସ୍ଥାନକୁ ପଳାଇଛନ୍ତି। ସ୍ମାର୍ଟସିଟି ରାଜଧାନୀକୁ ବନ୍ୟା ବିପଦ ଘେରି ରହିଥିବା ବେଳେ ଏହାର ନିରାକରଣ ପାଇଁ ବିଏମସି ବା ପ୍ରଶାସନ ପାଖରେ ପ୍ରତିକାରର ବ୍ୟବସ୍ଥା କିଛି ନାହିଁ। ରାଜଧାନୀ ଉପକଣ୍ଠ ଅଂଚଳରୁ ପାଣି କିଭଳି ନିଷ୍କାସନ ହେବ ତାର ଯଥାର୍ଥ ଉପାୟ କରାଯାଇ ନାହିଁ। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରତିବର୍ଷ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ସରକାର ସବୁ ଜାଣି ନଜାଣିଲା ପରି ରହୁଛନ୍ତି। ମୁଖ୍ୟମନ୍ତ୍ରୀ ବିଭିନ୍ନ ଜିଲ୍ଲାର ବନ୍ୟାଂଚଳ ଆକାଶ ମାର୍ଗରୁ ପରିଦର୍ଶନ କରୁଥିବା ବେଳେ ରାଜଧାନୀର ଉପକଣ୍ଠରେ ରହୁଥିବା ଗ୍ରାମଗୁଡ଼ିକ ବନ୍ୟା ଆକଣ୍ଠ କଲାଣି। ଏହା ସବୁ ଅଂଚଳରେ ରହୁଥିବା ଲୋକଙ୍କୁ ରିଲିଫ ପ୍ରଦାନ କରାଯାଇ ନାହିଁ। ବିଏମସି କିମ୍ବା ଜିଲ୍ଲା ପ୍ରଶାସନର ଅଧିକାରିମାନଙ୍କ ପାଦ ଏହି ଅଂଚଳକୁ ପଡ଼ିନାହିଁ। ଲୋକଙ୍କ ଘର ଭିତରେ ପାଣି ସହିତ ସାପ ବେଙ୍ଗ ପଶିଲେଣି। ଏଭଳି ସ୍ଥିତିରେ ସରକାର କେବଳ ପ୍ରଚାର ସର୍ବସ୍ୱ ଘୋଷଣା କରି ଜନସାଧାରଣଙ୍କୁ ଭୁଆଁ ବୁଲାଇବା ନିତିରେ ଚାଲିଛନ୍ତି। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ କହିଛନ୍ତି ଯେ ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ଦଳ ସଂଗ୍ରାମ ଜାରି ରଖିବ। ରାଜଧାନୀର ବିଭିନ୍ନ ଅଂଚଳ ବର୍ଷାଦିନେ ଦେଖା ଦେଉଥିବା ବନ୍ୟାର ପ୍ରତିକାର ପାଇଁ ସରକାରଙ୍କ ନିକଟରେ ଏକ ଦାବିପତ୍ର ପ୍ରଦାନ କରାଯିବ।








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢ଼ଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା' ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମାଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛିରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଲୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଔଟ ଶ୍ଲୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ୍‌ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ । ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ



ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।




# ଅର୍କଶ୍ରୀ ସଂଯୋଜନାରେ ୭୫ଟି ସଂଗଠନକୁ ନେଇ ଆୟୋଜିତ ଆଜାଦିକା ଅମୃତ ମହୋତ୍ସବ ଉଦ୍‌ଯାପିତ



କୋଣାର୍କ (ପିଏନ୍)- ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଅଗଷ୍ଟ ୯ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ କୋଣାର୍କର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଅର୍କଶ୍ରୀ ସଂଯୋଜନାରେ ୭୫ଟି ସଂଗଠନକୁ ନେଇ ମହାସମାରୋହରେ ପାଳିତ ହୋଇ ଯାଇଛି । ୭୬ତମ ସ୍ୱାଧିନତା ଦିବସ ପାଳନ ଅବ୍ୟବହିତ ପୂର୍ବରୁ ପ୍ରତ୍ୟେକ ଭାରତୀୟଙ୍କ ମନରେ ଜାତୀୟତା ପ୍ରତି ସୃଷ୍ଟି ପାଇଁ ହର ଘର ତ୍ରିରଙ୍ଗାର ଆହ୍ୱାନ ଦେଇଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ପ୍ରତ୍ୟେକ ଦେଶ ବାସୀ ନିଜ ନିଜ ଘର ଓ ସରକାରୀ ତଥା ବେସରକାରୀ ସଂସ୍ଥାର କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ତ୍ରିରଙ୍ଗାକୁ ଉଡାଇବା ପାଇଁ ଆହ୍ୱାନ ଦିଆଯାଇଥିଲା । ଏଥିପାଇଁ ଜାତୀୟ ପତାକା ଆଇନକୁ ମଧ୍ୟ କୋହଳ କରାଯାଇଥିଲା । ଯେପରିକି ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଘରେ ଅଗଷ୍ଟ ୧୧ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଅହରାତ୍ର ଜାତୀୟ ପତାକା କରିବା ସହିତ ୧୭ତାରିଖ ସନ୍ଧ୍ୟାରେ ଅବତରଣ କରିପାରିବେ । ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଓ ଆଜାଦୀ କା ଅମୃତ ମହୋତ୍ସବ ପାଳନକୁ ବ୍ୟାପକ କରିବା ପାଇଁ କୋଣାର୍କର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଅର୍କଶ୍ରୀ ସଂଯୋଜନାରେ ୭୫ଟି ସଂଗଠନକୁ ନେଇ ଅଗଷ୍ଟ ୯ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ୧୦ଦିନ ବ୍ୟାପି ବିଭିନ୍ନ ପ୍ରକାରର ଜାତୀୟ ଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ୯ ଓ ୧୦ ତାରିଖରେ କୋଣାର୍କ ଏନଏସିର ୧୩ ୱାର୍ଡରେ ସଫେଇ, ୧୧ ତାରିଖରେ ୭୫ଟି ବୃକ୍ଷରେ ରାକ୍ଷୀ ବନ୍ଧନ, ୧୨ ତାରିଖରେ ବୀର ଶହୀଦଙ୍କ ଉଦ୍ଦେଶ୍ୟରେ ୭୫ଟି ଦୀପଦାନ, ୧୩ ତାରିଖରେ ଲଘୁଚାପ ଜନିତ ପ୍ରବଳ ବର୍ଷା ସତ୍ତ୍ୱେ କୋଣାର୍କ ସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟ ପରିସରରେ କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ସହାୟତାରେ ୭୫ଟି ବୃକ୍ଷରୋପଣ ଏବଂ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଜାତୀୟ ପତାକା ପ୍ରଦର୍ଶନୀ କରାଯାଇଥିଲା । ୧୪ ତାରିଖରେ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କୋଣାର୍କ ସେବା କେନ୍ଦ୍ର ପକ୍ଷରୁ ଆଧ୍ୟାତ୍ମିକ ଧ୍ୟାନ, ଓ ସଂକୀର୍ତ୍ତନ, ୧୫ ତାରିଖରେ ଜାତୀୟ ପତାକା ଉତ୍ତୋଳନ, ସୂର୍ଯ୍ୟମନ୍ଦିର ପରିସରରେ ଯୋଗ ପ୍ରଦର୍ଶନ ଓ ତ୍ରିରଙ୍ଗା ବନ୍ଧନ ।



୧୬ ତାରିଖରେ ଜାତୀୟ ସଂହତି ଓ ଅଖଣ୍ଡ ଭାରତ ପାଇଁ ସୂର୍ଯ୍ୟ ମନ୍ଦିର ବେଢା ସଂଲଗ୍ନ ନବଗ୍ରହଙ୍କ ପାଠରେ ୭୫ଟି ଦୀପଦାନ ଏବଂ ୧୭ ତାରିଖରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିବାବେଳେ ୧୮ ତାରିଖରେ ଅହିଂସା ରେଲିକୁ ସ୍ୱାଗତ କରାଯାଇ କାର୍ଯ୍ୟକ୍ରମ ଉଦଯାପିତ ହୋଇଥିଲା । ଏହି କାର୍ଯ୍ୟରେ ପଦ୍ମବିଭୂଷଣ ସୁଦର୍ଶନ ସାହୁ, କୋଣାର୍କ



ଏନଏସି ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା, କୋଣାର୍କ ଜବାହର ନବୋଦୟ ବିଦ୍ୟାଳୟ ଅଧକ୍ଷ ନୃସିଂହ ଚରଣ କର, କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା, ଅର୍କଶ୍ରୀର ସଂପାଦକ ଉମେଶ ଚନ୍ଦ୍ର ସ୍ୱାଇଁ, ବାନର ସେନାର ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟେଇ, କୋଣାର୍କ ସାହିତ୍ୟ ସଂସଦର ସଂପାଦକ ରବିନ୍ଦ୍ରନାଥ ବାହିନୀପତି, ସମାଜସେବୀ ରବୀନ୍ଦ୍ର କୁମାର ପ୍ରଧାନ, ବୃକ୍ଷ ପ୍ରେମୀ ଲିଙ୍ଗରାଜ ନାୟକ, ସାମ୍ବାଦିକ ଅଜିତ କୁମାର ମଲ୍ଲିକଙ୍କ ସମେତ ନବୋଦୟ ବିଦ୍ୟାଳୟ ଓ ବନବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ । ଲଘୁଚାପଜନିତ ଲଗାଣ ବର୍ଷା ଲାଗିରହିଥିଲେ ମଧ୍ୟ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦିତ ହୋଇଥିଲା । ରାଜ୍ୟ ସରକାରଙ୍କ କୋଭିଡ-୧୯ର ସମସ୍ତ ନୀତିନିୟମକୁ ଅନୁପାଳନ କରାଯାଇ ଏହି କାର୍ଯ୍ୟକ୍ରମ ସଂଚାଳନ କରାଯାଇଥିଲା ।

# '୫-ଟି'ର କମାଲ୍ ରାଜ୍ୟବାସୀଙ୍କ ମନକୁ ଛୁଉଁଛି !

•••••••ଶରତ କୁମାର ରାଉତ•••••••



ଭାରତବର୍ଷରେ ଦୁର୍ନୀତିର ଚେର ଲମ୍ବି ଲମ୍ବି ଚାଲିଥିବାରୁ ଭାରତୀୟଙ୍କ ପାଇଁ ଏହା ଚିନ୍ତାର ବିଷୟ ହୋଇଛି । ସବୁ କ୍ଷେତ୍ରରେ ଦୁର୍ନୀତି ଓ ଅନିୟମିତତା ବଢି ଚାଲିଛି । ସମସ୍ତେ ଅସାଧୁ ଉପାୟରେ ନିଜ ସ୍ୱାର୍ଥ ହାସଲ ପାଇଁ ଲାଗି ପଡ଼ିଛନ୍ତି । ରାଜନୈତିକ ନେତା ଓ ଅଧିକାରୀ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନ ରହିବାକୁ ଆଗ୍ରହୀ ହେଉନାହାନ୍ତି । ଆଇନ ଓ ସମ୍ବିଧାନକୁ ମାନିବାକୁ କେହି ପ୍ରସ୍ତୁତ ନାହାନ୍ତି । ଏଭଳି ଅବସ୍ଥାରେ ଦେଶ ଏକ ଅନ୍ଧକାର ଭବିଷ୍ୟତ ଆଡ଼କୁ ଠେଲି ହୋଇ ଚାଲିଛି । ଦୁର୍ନୀତିମୁକ୍ତ ସ୍ୱଚ୍ଛ ନିର୍ମଳ ଶାସନର ଡିଣ୍ଡିମ ପିଟି ଶାସନ ଗାଦିରେ ବସି ଆସୁଥିବା ନେତାମାନେ ଦୁର୍ନୀତି ରୋକିବାରେ କେତେ ସକ୍ଷମ, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପିସି ସଂସ୍କୃତି ଦେଶରେ ଯେଉଁଭଳି ପ୍ରସାର ଲାଭ କରି ଚାଲିଛି, ଏଠାରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଥିବା ପରି ମନେହେଉନାହିଁ । ବିଭିନ୍ନ କଲ୍ୟାଣକାରୀ ଯୋଜନା ଭଳି ପ୍ରକଳ୍ପ ବିଫଳ ହେବାରେ 'ପିସି'ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଥିଯୋଗୁ ଗରିବ ଓ ଦଳିତ ପ୍ରଜା ମୌଳିକ ସେବା ପାଇବାରୁ ବଂଚିତ ହେଉଛନ୍ତି । ନିର୍ମାଣ କାର୍ଯ୍ୟଗୁଡ଼ିକ ଅତି ନିମ୍ନମାନର ହେଉଥିବା ଅଭିଯୋଗ ସତ୍ତ୍ୱେ ସରକାର ଏହାର ସ୍ଥାୟୀ ପ୍ରତିକାର କରୁନାହାନ୍ତି ।

କିନ୍ତୁ ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ସରକାର ଅନ୍ୟାନ୍ୟ ରାଜ୍ୟଠାରୁ ଭିନ୍ନ । ଗତ ୩ ବର୍ଷ ଭିତରେ ନବୀନ ସରକାର ସାମ୍ନା କରିଥିବା କୋଭିଡ୍ ଭଳି ମହାମାରୀକୁ । ଏହି ସମୟରେ ବିଭିନ୍ନ ସମସ୍ୟାର ସଫଳ ମୁକାବିଲା ସହ ବିକାଶର ନୂଆ ଅଧ୍ୟାୟ ଲେଖି ଓଡ଼ିଶା ପାଲଟିଛି ବିଶ୍ୱର ରୋଲ୍ ମଡ଼େଲ୍ । ଆଉ ସବୁ ସଫଳତା ପଛରେ ରହିଛି ଟ୍ରାନ୍ସପରେନ୍ସି, ଟେକ୍ନୋଲୋଜି, ଟିମ୍ ୱାର୍କ, ଟାଇମ୍, ଟ୍ରାନ୍ସଫରମେସନ୍ । ଏହି ୫-ଟି ମନ୍ତ୍ରରେ ଆଗେଇ ଚାଲିଛି ଓଡ଼ିଶା । ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ, ପର୍ଯ୍ୟଟନ ଆଦି ସବୁଥିରେ ଆସିଛି ଯୁଗାନ୍ତକାରୀ ପରିବର୍ତ୍ତନ । ନବୀନ ପଟ୍ଟନାୟକଙ୍କ ୨୨ ବର୍ଷର ଲଗାତାର ଶାସନ ଭିତରେ ଗତ ୩ ବର୍ଷରେ ପ୍ରଶାସନିକ ବ୍ୟବସ୍ଥାରେ ଆସିଛି ବୈପ୍ଳବିକ ରୂପାନ୍ତରଣ । ଇତିମଧ୍ୟରେ ଆହୁରି ସକ୍ରିୟ ହୋଇଛି ସରକାରୀ କଳ । କରୋନା ମହାମାରୀ ସମୟରେ ବି ପ୍ରାଥମିକ ଶିକ୍ଷାରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା ଓଡ଼ିଶା । ଏସବୁ ସମ୍ଭବ ହୋଇଛି ୫-ଟିର ସ୍କୁଲ୍ ରୂପାନ୍ତରଣ କାର୍ଯ୍ୟକ୍ରମ ମାଧ୍ୟମରେ । ସେହିପରି ରାଜ୍ୟରେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାରେ ଆଶ୍ଚର୍ଯ୍ୟ ଜନକ ପରିବର୍ତ୍ତନ ଆସିଛି । ଗରିବ ଲୋକ ମାନଙ୍କୁ ନିର୍ଭୟ କରାଇ ଦେଇଛି 'ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ୍" । ତେବେ ୫-ଟି ଯୋଜନାରେ ଏସ୍‌ସିବିର ନବକଳେବର କାର୍ଯ୍ୟ ଆରମ୍ଭ ହୋଇଛି । ଏପରିକି କୋଭିଡ୍ ମୁକାବିଲା ପାଇଁ ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଯୁଦ୍ଧକାଳୀନ ଭିତିରେ ମଜଭୁତ ଭିତିଭୂମି ଛିଡ଼ା କରାଇ ପାରିଥିଲା, ଯାହା କଳ୍ପନାର ବାହାରେ ଥିଲା । କୌଣସି ଏକ ସରକାରୀ କାର୍ଯ୍ୟାଳୟରେ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ସରକାରୀ କର୍ମଚାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜ କାମ ପାଇଁ ଏବେ ଶୋଷିତ ଓ ନିର୍ଯ୍ୟାତିତ ହେଉଛନ୍ତି ଯେ ତାହା ଅବର୍ଣ୍ଣନୀୟ । ତେବେ ଏହି ଅନୈତିକ କାର୍ଯ୍ୟ ବନ୍ଦ ପାଇଁ ଓଡ଼ିଶା ସରକାରଙ୍କ ପାଖରେ ପ୍ରଭାବଶାଳୀ ଯୋଜନା ରହିଛି । ଅବଶ୍ୟ ୫-ଟି ଏହି ସମସ୍ୟା ସମାଧାନର ଏକ ମାଧ୍ୟମ ହୋଇପାରେ । ହେଲେ କେତେକ ସରକାରୀ ଅଧିକାରୀ ଓ କର୍ମଚାରୀ ବିନା ଲାଂଚରେ କୌଣସି କାମ କରନ୍ତି ନାହିଁ । ମାତ୍ର ଏବେ ସରକାର ସଂପୃକ୍ତ ଅଧିକାରୀ ବା କର୍ମଚାରୀଙ୍କ କାର୍ଯ୍ୟ ଉପରେ ଦୃଷ୍ଟି ରଖୁଛନ୍ତି । ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ଧରିବାରେ ଓଡ଼ିଶା ଆଜି ସବୁଠାରୁ ଆଗରେ ରହିଛି । ଛୋଟ ସରକାରୀ କର୍ମଚାରୀ ହୁଅନ୍ତୁ କି ବଡ଼ ଅଧିକାରୀ, ଦୁର୍ନୀତି କଲେ କାହାରିକୁ ନିସ୍ତାର ନାହିଁ । ଏପରିକି ସେମାନଙ୍କୁ ଛାଡୁନି ୫-ଟି ଖଣ୍ଡା । ସୁଖର କଥା ଯେ, ନବୀନ ପଟ୍ଟନାୟକଙ୍କ ସରକାର ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କୁ ସରକାରୀ ଚାକିରିରୁ ବିଦା କରିବାରେ ଲାଗିଛନ୍ତି । ସେମାନଙ୍କ ବିରୁଦ୍ଧରେ ବର୍ଷବର୍ଷ ତଳୁ ଭିଜିଲାନ୍ସ ମାମଲା ରହିଥିଲା ଓ ସେମାନେ ଦୋଷୀ ସାବ୍ୟସ୍ତ ହେଉଛନ୍ତି । ସେହିପରି ଏ ପାଳି ସରକାରରେ ସବୁଠୁ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି ଆମ ଐତିହ୍ୟ ଓ କୀର୍ତ୍ତିରାଜି ଛିଡ଼ା ହୋଇଥିବା ଅଂଚଳରେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନ ଓ ୫-ଟି ସଚୀବ ଭି.କେ. ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ରାଜ୍ୟରେ ଐତିହ୍ୟ, କୀର୍ତ୍ତିରାଜିର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଆଗେଇ ଚାଲିଛି । ଶ୍ରୀକ୍ଷେତ୍ର, ଏକାମ୍ରକ୍ଷେତ୍ରରେ ପରିବର୍ତ୍ତନର ଝଲକ ସମସ୍ତଙ୍କ ମନକୁ ଛୁଇଁଛି । ତାରାତାରିଣୀ ପୀଠର ବିକାଶ ଓଡ଼ିଶାବାସୀଙ୍କୁ ଆକର୍ଷିତ କରିଛି । ଆଗାମୀ ଦିନରେ ମଧ୍ୟ ଆହୁରି ଅନେକ ଐତିହ୍ୟ ସ୍ଥଳର ବିକାଶ ହୋଇଚାଲିବ ବୋଲି କୁହାଯାଉଛି ।

ମହିଳା ସଶକ୍ତିକରଣରେ ଓଡ଼ିଶା ପାଲଟିଛି ମଡ଼େଲ୍ । ଏପର୍ଯ୍ୟନ୍ତ ପ୍ରାୟ ୭୦ ଲକ୍ଷ ମହିଳାଙ୍କୁ ମିସନ ଶକ୍ତିରେ ଯୋଡ଼ି ସେମାନଙ୍କୁ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ବିକଶିତ କରାଯାଇଛି । ଆସନ୍ତା ୫ ବର୍ଷ ଭିତରେ ମିସନ୍ ଶକ୍ତି ମାଧ୍ୟମରେ ୪୯୭୩ କୋଟି ଟଙ୍କା ବିନିଯୋଗ କରାଯିବ । ମହିଳା ମାନଙ୍କୁ ରୋଜଗାର ମିଳିବା ସହ ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ୫୦ ହଜାର



କୋଟି ଟଙ୍କାର ରଣ ଯୋଗାଇ ଦିଆଯିବ । ଏଥିରେ ୧୨୦୦ କୋଟିର ସୁଧ ରିହାତି ବ୍ୟବସ୍ଥା ରହିଛି । ୪୦ ଲକ୍ଷ ସଦସ୍ୟାଙ୍କ ଦକ୍ଷତା ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଇଛି । ଏଥିସହ ଏସ୍‌ଏଚ୍‌ଜି ପ୍ରସ୍ତୁତି ସାମଗ୍ରୀ ବିକ୍ରି ପାଇଁ ୫୦୦ ମିଶନ ଶକ୍ତି ବଜାର ଛିଡ଼ା କରାଯିବ । ପ୍ରତି ଜିଲ୍ଲା, ବ୍ଲକ୍‌ରେ ମିଶନ ଶକ୍ତି ଗୃହ ପ୍ରତିଷ୍ଠା ହେବ । ଗାଁରେ ବ୍ୟାଙ୍କ ସେବା ଯୋଗାଇବା ପାଇଁ ଏସ୍‌ଏଚ୍‌ଜି ମହିଳାଙ୍କୁ ବ୍ୟାଙ୍କସାଥୀ ଭାବେ ନିଯୁକ୍ତି କରାଯିବ । ଆହାର କେନ୍ଦ୍ରରେ ଖାଦ୍ୟ ଯୋଗାଣ, ବର୍ଜ୍ୟବସ୍ତୁ ପରିଚାଳନା ସହ ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ମହିଳା ଆଜି ବିକାଶର ନୂଆ ଫର୍ଦ୍ଦ ଯୋଡ଼ିଛନ୍ତି । ୫-ଟି ଯୋଜନାରେ ମୁଖ୍ୟ ଫୋକସରେ ରହିଛି ରାଜ୍ୟରେ ମହିଳା ସଶକ୍ତିକରଣ । ମିଶନ ଶକ୍ତି ମହିଳା ସଶକ୍ତିକରଣ ଦିଗରେ ଏକ ମହା ଆନ୍ଦୋଳନର ରୂପ ନେଇଛି । ଏହାଫଳରେ ଗ୍ରାମାଂଚଳ ମହିଳା ଆଜି ସ୍ୱାବଲମ୍ବୀ ହେବା ସହ ଆର୍ଥିକ ସ୍ତରରେ ସୁଦୃଢ ହୋଇଛନ୍ତି । ମହିଳାମାନଙ୍କ ବିକାଶ ପାଇଁ ମିଶନ ଶକ୍ତିକୁ ସ୍ୱତନ୍ତ୍ର ବିଭାଗ କରାଯାଇଛି । ତେବେ ଦେଶର ବିଭିନ୍ନ ରାଜ୍ୟ ଏବେ ଓଡ଼ିଶାର ମିଶନ ଶକ୍ତିକୁ ମଡ଼େଲ୍ ଭାବେ ଗ୍ରହଣ କରିଛନ୍ତି । ଜାତୀୟ ସ୍ତରରେ ମଧ୍ୟ ଓଡ଼ିଶାର ଏହି ମଡ଼େଲକୁ ଢେର ପ୍ରଶଂସା ମିଳିଛି । ସେହିପରି ଓଡ଼ିଶାବାସୀଙ୍କୁ ସରକାରୀ ସେବା ଯୋଗାଣରେ ନବୀନ ସରକାର ବହୁ ଆଗରେ ରହିଛନ୍ତି । ଏକଦା ରାଜ୍ୟ ସଚିବାଳୟ ପାଖରୁ ଆରମ୍ଭ କରି ଗ୍ରାମପଂଚାୟତ ଅଫିସ୍ ପର୍ଯ୍ୟନ୍ତ ଯେଉଁ ଦୁର୍ନୀତିର ଚେର ମଜଭୁତ୍ ହୋଇଯାଇଥିଲା, ଆଜି ତାହାର ଟିକିଏ ବି ଚିହ୍ନ ନାହିଁ ।

ତେବେ କିଛିବର୍ଷ ତଳୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ କେତେକ ବୃହତ୍ କମ୍ପାନୀ ଆମ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗେଇ ଆସିଛନ୍ତି ଓ ଆସୁଛନ୍ତି । କଳିଙ୍ଗନଗର ଶିଳ୍ପ ପ୍ରକଳ୍ପ ଭଳି ସାରା ରାଜ୍ୟରେ ବ୍ୟାପକ ଶିଳ୍ପ ପ୍ରସାର ଓଡ଼ିଶା ପ୍ରଗତିର ସଂକେତ ହୋଇଛି । ରାଜ୍ୟର ଉପକୂଳରେ ଗୋଟିଏ ପରେ ଗୋଟିଏ ବନ୍ଦର ପ୍ରତିଷ୍ଠା, ପର୍ଯ୍ୟଟନ ଶିଳ୍ପର ଦ୍ରୁତ ବିକାଶ, କୃଷି ଓ କୃଷକର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରଣୟନ, ରାସ୍ତାଘାଟର ନବୀକରଣ-ନିର୍ମାଣ ଭଳି ବହୁ ଦାରିଦ୍ର୍ୟ ଦୂରୀକରଣ ଯୋଜନା କାର୍ଯ୍ୟକାରୀ, ସେତୁ ନିର୍ମାଣ ଭଳି ଗମନାଗମନର ଅଭୂତପୂର୍ବ ବିକାଶ ହୋଇଛି । ଆଇନକାନୁନ୍ ବ୍ୟବସ୍ଥା ମଧ୍ୟ ସ୍ୱାଭାବିକ ହୋଇଛି ।

ଆମ ରାଜ୍ୟ ସରକାର ଆମ ଶ୍ରମିକମାନଙ୍କୁ କର୍ମନିଯୁକ୍ତି ଦେଇପାରିବାର ବ୍ୟାପକ ସୁଯୋଗ ସୃଷ୍ଟି ହୋଇଛି । ଓଡ଼ିଶାରେ କାର୍ଯ୍ୟକ୍ଷମ ଶହ ଶହ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଶିଳ୍ପ ସମେତ ଖଣି ଶିଳ୍ପ, ପର୍ଯ୍ୟଟନ ଶିଳ୍ପ, ମତ୍ସ୍ୟ ଶିଳ୍ପ ଆଦିରେ ଲକ୍ଷ ଲକ୍ଷ ଲୋକେ କାର୍ଯ୍ୟ କରୁଛନ୍ତି । ତଥାପି ଓଡ଼ିଆ ଲୋକେ କାମ ପାଇଁ ଦେଶ-ବିଦେଶକୁ ଯାଉଛନ୍ତି । ବେଳେବେଳେ ସେଠାରେ ନିର୍ଯ୍ୟାତିତ ହେଉଛନ୍ତି । ସବୁଠୁ ବଡ଼କଥା ହେଲା, ଓଡ଼ିଆ ଲୋକଙ୍କୁ ଓଡ଼ିଶାରେ ନିଯୁକ୍ତି ମିଳିବା ଉଚିତ । ଏ କ୍ଷେତ୍ରରେ ଆମ ସରକାରଙ୍କ ଦ୍ୱାରା ଉଦ୍ୟମ ହେବା ଉଚିତ । ଓଡ଼ିଆ ଶ୍ରମିକର ବିକାଶ ପାଇଁ ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନିଅନ୍ତୁ । ଚାଷୀଙ୍କର ଆୟ ବୃଦ୍ଧି ଓ ଜଳସେଚନ ବ୍ୟବସ୍ଥାର ଉନ୍ନତି ପାଇଁ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ । ଓଡ଼ିଶା ସରକାରଙ୍କ ଏନ୍ତୁଡ଼ିଶାଳରୁ ଆରମ୍ଭ କରି ଶ୍ମଶାନ ପର୍ଯ୍ୟନ୍ତ ବିଭିନ୍ନ ଉନ୍ନୟନ ଯୋଜନାରେ ଯଥେଷ୍ଟ ସହାୟତା ଦିଆଯାଉଛି । ତଥାପି ସାଧାରଣ ମଣିଷର ଅର୍ଥନୈତିକ ଉନ୍ନତି ଓ ସାମାଜିକ ଅବସ୍ଥାର ପରିବର୍ତ୍ତନ ଆବଶ୍ୟକ ।

*-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ-୯୩୩୭୩୬୯୪୪୮*

# କୋଣାର୍କ ଡାକ ମେଳା ଅନୁଷ୍ଠିତ



କୋଣାର୍କ (ପିଏନ୍): ପୁରୀ ଜିଲ୍ଲା ଡାକ ମଣ୍ଡଳ ଅଧିନରେ ଥିବା ନିମାପଡା ଉପ ଡାକ ମଣ୍ଡଳ ଅନ୍ତର୍ଗତ କୋଣାର୍କ ଉପ ଡାକଘର ଜୁଣେଇ ଶାଖା ଡାକଘର ପକ୍ଷରୁ ଅର୍କଶ୍ରୀ ଶିଳ୍ପୀ ବାଟିକା ପରିସରରେ ଏକ ଡାକମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଡାକମେଳାରେ ପୁରୀ ଜିଲ୍ଲା ଡାକ ମଣ୍ଡଳର ବଣିଷ୍ଠ ଅଧିକ୍ଷକ ବିପିନ ବିହାରୀ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋଣାର୍କ ଏନଏସି ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଅର୍କଶ୍ରୀର ସମ୍ପାଦକ ତଥା ସମାଜସେବୀ ଉମେଶଚନ୍ଦ୍ର ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟା ପୁଷ୍ପାରାଣୀ ସ୍ୱାଇଁ, ବନାଖଣ୍ଡି ସରପଞ୍ଚ ପ୍ରଜ୍ଞା ପାରମିତା ନାୟକ, ଓଡିଶା ପୋଷ୍ଟାଲ ସର୍କଲର ଡେପୁଟି ଡିଭିଜିନାଲ ମ୍ୟାନେଜର ସର୍ବେଶ୍ୱର ବେହେରା, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ସିନିୟର ମ୍ୟାନେଜର ପ୍ରିତିଶ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଥିଲେ । ବନାଖଣ୍ଡି ଗ୍ରାମ ପଞ୍ଚାୟତର ମା'ଙ୍କରଗୋରଡି ଗ୍ରାମକୁ ସଂଚୟ ଗ୍ରାମ ଭାବେ ନିଆଯାଇ ପ୍ରତ୍ୟେ ପରିବାରର ଜଣେ ଜଣେ ସଦସ୍ୟଙ୍କୁ ଡକା ଯାଇ ଏହି ମେଳା ଆୟୋଜନ କରାଯାଇଥିଲା । ଡିଜିଟାଲ ଯୁଗରେ ଭାରତ ସରକାରଙ୍କ ଡାକ ବିଭାଗ ପଛରେ ନରହି ଅନେକ ଲୋକାଭିମୁଖୀ ଯୋଜନା ପ୍ରଣୟନ କରିଛି । ଜାତୀୟ କରଣ ବ୍ୟାଙ୍କ ଭଳି ସମସ୍ତ ସୁବିଧା ସୁଯୋଗ, ସୁରକ୍ଷୀତ ଏବଂ ଅଧିକ ସୁଧ ହାରରେ ଜମାରାଶି ପ୍ରଦାନ କରୁଛି । ଭାରତ ସରକାରଙ୍କ ଡାକ ବିଭାଗ ଦ୍ୱାରା ପରିଚାଳିତ ଡାକ ବିଭାଗରେ ମିଳୁଥିବା ସଂଚୟର ବିଭିନ୍ନ ମାଧ୍ୟମ ସଂପର୍କ ବିଭାଗର ଅଧିକାରୀମାନେ ଅବଗତ କରାଇବା ସହ ସଚେତନ କରାଇଥିଲେ । ଆଧୁନିକ ଯୁଗ ସହିତ ତାଳ ଦେଇ ପ୍ରତ୍ୟେକ ଡାକଘରେ ମୋବାଇଲ ବ୍ୟାଙ୍କିଙ୍ଗ, ଇଣ୍ଟରନେଟ ବ୍ୟାଙ୍କିଙ୍ଗ, ଏଟିଏମ ସୁବିଧା, ହିତାଧିକାରୀ ନିଜ ଘରେ ରହି ଆଧାର ନମ୍ବରରେ ବାୟୋମ୍ୟଟ୍ରିକ ଟିପ ଚିହ୍ନ ହେଇ ଯେକୌଣସି ବ୍ୟାଙ୍କରେ ଥିବା ନିଜ ଜମାରିଶିରୁ ଅର୍ଥ ଉଠାଇ ପାରିବେ । ଏତଦବ୍ୟତିତ ଡାକ ଜୀବନ ବୀମା, ଗ୍ରାମୀଣ ଡାକ ଜୀବନ ବୀମା ପାଇଁ ସ୍ୱଳ୍ପ ପ୍ରିମିୟମ ବା ଅର୍ଥରାଶି ବଦଳରେ ଅଧିକ ବୋନସ ମିଳିବା ସହିତ ପ୍ରତ୍ୟେକ ଡାକ ଘରେ ଏବେ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଜରିଆରେ ବ୍ୟାଙ୍କିଙ୍ଗ ସୁବିଧା ମିଳୁଛି । ଏହି ମେଳାରେ କୋଣାର୍କ, ଗୋପ, ନିମାପଡା, ରେଞ୍ଚ, ବ୍ରହ୍ମକୁଣ୍ଡି, ବିରତୁଙ୍ଗ ଓ ବାଙ୍ଗୁରିଗାଁ ଡାକଘର ଅଧିନରେ ଥିବା ଶାଖା ଡାକଘରର କର୍ମଚାରୀମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ନିମାପଡା ଉପ ଡାକ ମଣ୍ଡଳର ପୋଷ୍ଟାଲ ଇନ୍ସପେକ୍ଟର ଶୁଭାଶିଷ ଆଚାର୍ଯ୍ୟ ସଂଯୋଜନା କରିଥିବା ବେଳେ ଜୁଣେଇ ଶାଖ ଡାକଘର କର୍ମଚାରୀ ପିତାମ୍ବର ମହାପାତ୍ର ଓ ସୁଶ୍ରୀ ମାମାଲି ପିୟଦର୍ଶନୀ, କୋଣାର୍କ ଉପ ଡାକପାଳ ନିରଞ୍ଜନ ସେଠୀ, ତୀର୍ଥଦେବ ସାହୁ, ଲିଙ୍ଗରାଜ ସାହୁ, କମଳଲୋଚନ ପଣ୍ଡାଙ୍କ ସମେତ ଯୋଗ ଦେଇଥିବା ସମସ୍ତା ଡାକ କର୍ମଚାରୀ ପରିଚାଳନା କରିଥିଲେ ।

## ଜଗତସିଂହପୁର ଜିଲ୍ଲାର ବନ୍ୟା ପୀଡିତଙ୍କୁ ସହଯୋଗର ହାତ ବଢାଇଲା ଇଫକୋ

ପାରାଦୀପ (ପିଏନ୍)- ମହାନଦୀ ଓ ଏହାର ଶାଖା ନଦୀରେ ବନ୍ୟା ପରିସ୍ଥିତ ଦେଖାଦେଇଛି । ଫଳରେ ଲୋକମାନେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । ଜଗତସିଂହପୁର ଜିଲ୍ଲାର ବିରିଡି ବ୍ଲକ୍‌ରେ ବନ୍ୟା ପୀଡିତଙ୍କୁ ସହାୟତା କରିବା ପାଇଁ ସାଂସଦ ଡା. ରାଜଶ୍ରୀ ମଲ୍ଲିକ ଇଫକୋ ପାରାଦୀପ ୟୁନିଟ୍‌ର ନିର୍ଦ୍ଦେଶକ କେ.ଜେ. ପଟେଲଙ୍କୁ ଅନୁରୋଧ କରିଥିଲେ । ମାନ୍ୟବର ସାଂସଦଙ୍କ ଅନୁରୋଧ ପରେ ବନ୍ୟା ପୀଡିତଙ୍କୁ ସହଯୋଗ କରିବା ଓ ସେମାନଙ୍କୁ ସାହାଯ୍ୟର ହାତ ବଢାଇଲା ଇଫକୋ । ଶ୍ରୀ ପଟେଲଙ୍କ ଇଫକୋର ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ବେଉରା ବନ୍ୟାଂଚଳ ଲୋକମାନଙ୍କ ନିକଟରେ ପହଂଚି ସେମାନଙ୍କୁ ଚୂଡା, ଗୁଡ, ବିସ୍କୁଟ୍, ମହମବତୀ, ଦିଆସିଲ, ପୋଷାକ ଆଦି ପ୍ରଦାନ କରିଛନ୍ତି । ଏହି ରିଲିଫ ପ୍ରଦାନ ସମୟରେ ସାଂସଦ ଡା. ମଲ୍ଲିକ, ଇଫକୋର ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ବେଉରାଙ୍କ ସମେତ ମମତା ପାତ୍ର, ସୁରେନ୍ଦ୍ର ନାଥ ଶତପଥୀ ଉପସ୍ଥିତ ଥିଲେ । ପ୍ରକାଶଥାଉକି, ଦୁଇ ଦିନ ପୂର୍ବରୁ କୁଜଙ୍ଗ ଅଂଚଳର ବନ୍ୟା ପୀଡିତଙ୍କୁ ପ୍ରଥମ ଶିଳ୍ପ ସଂସ୍ଥା ଭାବେ ଇଫକୋ ପହଂଚି ରିଲିଫ ପ୍ରଦାନ କରିଥିଲା ।

# ପ୍ରଦେଶ କିଷାନ କଂଗ୍ରେସର ରାଜ୍ୟସ୍ତରୀୟ କିଷାନ ଚିନ୍ତନ ଶିବିର



ଭୁବନେଶ୍ୱର (ପିଏନ୍)-କେନ୍ଦ୍ରର ବିଜେପି ଏବଂ ରାଜ୍ୟର ବିଜେଡ଼ି ଶାସନ କାଳରେ ଚାଷୀ ସବୁଠାରୁ କ୍ଷତିଗ୍ରସ୍ତ ଓ ଚାଷ ସଂପୂର୍ଣ୍ଣ ବିପର୍ଯ୍ୟସ୍ତ । ଗୋଟିଏ ପଟେ ଉଭୟ ସରକାର ଚାଷୀର ବିକାଶ ପାଇଁ ଡିଣ୍ଡିମ ପିଟୁଥିବା ବେଳେ ରାଜ୍ୟରେ ୨୨ ବର୍ଷର ଶାସନ କାଳରେ ଚାଷୀ ଆତ୍ମହତ୍ୟା ୧୫ ହଜାରକୁ ଟପିଲାଣି । ଦେଶର ଜାତୀୟସ୍ତରରେ ଚାଷୀର ଆୟ ୧୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଥିବା ବେଳେ ରାଜ୍ୟ ସରକାର ବାରମ୍ବାର କୃଷିକର୍ମଣ ପାଇଁ ବାହାବା ନେଉଥିବା ବେଳେ ଚାଷୀର ମାସିକ ଆୟ ୫୧୧୨ ଟଙ୍କା ଅଛି । ଚାଷୀ ଠିକଣା ସମୟରେ ଆବଶ୍ୟକ ପରିମାଣର ବିହନ, ସାର, କୃଷିରଣ ଓ ଫସଲବୀମା କ୍ଷତିପୂରଣ ପାଇବାରୁ ବଂଚିତ । କାଳିଆ ଓ ବଳିଆ ଯୋଜନା କେବଳ ଭୋଟ ସର୍ବସ୍ୱ ହୋଇଛି । କୃଷି ଭିତିଭୂମି ଅସଜଡ଼ା ଥିବା ବେଳେ ଅନ୍ୟ ଯେଉଁ ଯୋଜନା ଗୁଡ଼ିକ କାର୍ଯ୍ୟକାରୀ କରାଯାଉଛି ତଦ୍ୱାରା ଚାଷୀର ବିକାଶ ହେବା ପରିବର୍ତ୍ତେ ବିନାଶ ଘଟୁଛି । କେନ୍ଦ୍ର ସରକାର ଚାଷୀର କୃଷି ରଣ ଛାଡ଼ କରୁନଥିବା ବେଳେ ଶିଳ୍ପପତି ଓ ପୁଁଜିପତି ମାନଙ୍କୁ ରଣ ଛାଡ଼ କରିବାରେ ବେସ ତତ୍ପର । ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଗଲା ନାହିଁ । ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଫସର ଫାଟିଛି । ଚାଷୀ ତା ଉତ୍ପାଦିତ ଫସଲରର ଉଚିତ ମୂଲ୍ୟ ପାଉନାହିଁ । ଭାଗଚାଷୀଙ୍କ ସମସ୍ୟା କହିଲେ ନ ସରେ । ଚାଷୀ ବୀମା ପ୍ରିମିୟମ ପୈଠକରି କ୍ଷତିପୂରଣ ପାଉନଥିବା ବେଳେ ସରକାର ଓ ବୀମା କମ୍ପାନୀ ମାଲାମାଲ । କିଁ ଆଳୁ ମିଶନ, ପିଆଜ ମିଶନ ମଣ୍ଡି ଓ ଖଳା ନିର୍ମାଣରେ କୋଟି କୋଟି ଟଙ୍କା ଅପବ୍ୟୟ ହେଉଛି । ବର୍ତ୍ତମାନ ବର୍ଷା ଓ ବନ୍ୟା ବିପତି ସମୟରେ ବିପନ୍ନଙ୍କୁ ଉଦ୍ଧାର ଏବଂ ସହାୟତା ଯୋଗାଇ ଦେବାରେ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି । ହଜାର ହଜାର ହେକ୍ଟର ଚାଷ ସଂପୂର୍ଣ୍ଣ ନଷ୍ଟ ହୋଇଛି । ନଦୀବନ୍ଧ ମରାମତିରେ ବ୍ୟାପକ ଦୁର୍ନୀତି ଓ ତ୍ରୁଟିପୂର୍ଣ୍ଣ ନିଷ୍ପତି ଯୋଗୁଁ ଆଜି ଲକ୍ଷ ଲକ୍ଷ ଲୋକେ ପାଣିଘେରରେ ଷଡୁଛନ୍ତି । ଏ ବନ୍ୟା ସଂପୂର୍ଣ୍ଣ ମନୁଷ୍ୟକୃତ । ଏଣିକି ଚାଷୀକୂଳ ଆଉ ବିଜେପି ଓ ବିଜେଡ଼ି ସରକାରଙ୍କ କୃଷକ ମାରଣ ନୀତିକୁ ବରଦାସ୍ତ କରିବେ ନାହିଁ । ଗାଁ ଗଣ୍ଡାରେ ଚାଷୀ ମେଳି ଦୁର୍ବାର ରୂପ ନେବ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରଦେଶ କିଷାନ କଂଗ୍ରେସର ରାଜ୍ୟସ୍ତରୀୟ ଚିଂନ ଶିବିରରେ ବକ୍ତବ୍ୟ ଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି । ଆସନ୍ତା ଦୁଇମାସ ମଧ୍ୟରେ ଗ୍ରାମ ସ୍ତରରୁ କିଷାନ କଂଗ୍ରେସ ସଂଗଠନକୁ ସୁଦୃଢ଼ କରାଯାଇ ପରବର୍ତି ସମୟରେ ଏକ ବିଶାଳ ଚାଷୀ ସମାବେଷ କରାଯିବ ବୋଲି ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଗତକାଲି ପୂର୍ବାହ୍ନରେ ପିସିସି କାର୍ଯ୍ୟାଳୟରେ ରାଜ୍ୟ କିଷାନ କଂଗ୍ରେସ ଅଧକ୍ଷ ଶ୍ରୀ ଅମୀୟ ପଟ୍ଟନାୟକଙ୍କକ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅଖିଳ ଭାରତ କିଷାନ କଂଗ୍ରେସ ଅଧକ୍ଷ ଶ୍ରୀ ସୁଖପାଲ ସିଂ ଖେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରର ବିଜେପି ଓ ରାଜ୍ୟର ବିଜେଡ଼ି ସରକାରଙ୍କ ସମୟରେ ଓଡ଼ିଶାର ଚାଷୀ ଚାଷ ଛାଡ଼ି ରାଜ୍ୟ ବାହାରେ ଦାଦନ ଖଟୁଛନ୍ତି । କିଁ ସରକାରଙ୍କ ଯୋଜନା ଉପରେ ଯୋଜନା । ଚାଷୀ ଏବେ ଅତି ସଂକଟଜନକ ସ୍ଥିତିରେ । ଚାଷୀ ନାମରେ କୋଟି କୋଟି ଟଙ୍କା ହରିଲୁଟ ହେଉଛି । ଫସଲବୀମା ଯୋଜନା ନାରେ ଚାଷୀର ପ୍ରିମିୟମ ଟଙ୍କାକୁ ହରିଲୁଟ କରାଯାଉଛି । ତେଣୁ ଚାଷୀ ଆଉ ତାର ହକ୍ ମାଗିଲେ ହକ୍ ପାଉନାହିଁ । କେବଳ ପୁଁଜିପତିଙ୍କ ପାଇଁ ଏ ସରକାର ବୋଲି ଶ୍ରୀ ଖେରା କହିଥିଲେ । ଆସଂ । ସେପ୍ଟେମ୍ବର ପ୍ରଥମ ସପ୍ତାହରୁ ପ୍ରତି ଜିଲ୍ଲାରେ ଜିଲ୍ଲା କିଷାନ କଂଗ୍ରେସ ତରଫରୁ ଜିଲ୍ଲାସ୍ତରୀୟ କିଷାନ ଚିଂନ ଶିବର ଆୟୋଜନ କରାଯାଇ ଚାଷୀ ସମସ୍ୟା ସଂପର୍କରେ ଏକ ଚିଠା ପ୍ରସ୍ତୁତ କରାଯିବ ବୋଲି ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଛି । ଏହି ଚିନ୍ତନ ବୈଠକରେ ଏଆଇସିସି ସଂପାଦକ ଶ୍ରୀ ଜି. ରୁଦ୍ର ରାଜୁ, ପୂର୍ବତନ ପିସିସି ସଭାପତି ଶ୍ରୀ ପ୍ରସାଦ ହରିଚନ୍ଦନ, ବିଧାୟକ ସର୍ବଶ୍ରୀ ସଂତୋଷ ସିଂ ସାଲୁଜା, ସୁରେଶ କୁମାର ରାଉତରାୟ, ଅଧିରାଜ ମୋହନ ପାଣିଗ୍ରାହୀ, କଂଗ୍ରେସ ନେତା ଶିବାନନ୍ଦ ରାୟ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଫଳତା ସଂପର୍କରେ ଆଲୋକପାତ କରିଥିଲେ । ଶେଷରେ ଦେଓଗଡ଼ କିଷାନ କଂଗ୍ରେସ ସଭାପତି ସଂତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ଏହି ବୈଠକରେ ପ୍ରଦେଶ କିଷାନ କଂଗ୍ରେସର ସସସ୍ତ କର୍ମକର୍ତା, ଜିଲ୍ଲା ଓ ବ୍ଲକ କିଷାନ କଂଗ୍ରେସ ଅଧକ୍ଷ ବୃନ୍ଦ ଉପସ୍ଥିତ ରହି ସେମାନଙ୍କ ଜିଲ୍ଲାରେ ଉପୁଜିଥିବା ସମସ୍ୟା ସଂପର୍କରେ ଆଲୋକପାତ କରିଥିଲେ । ବୈଠକ ପ୍ରାରମ୍ଭରୁ କଂଗ୍ରେସ କାର୍ଯ୍ୟାଳୟରେ ଥିବା ମହା ମନିଷୀ ମାନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇ ଓ କଂଗ୍ରେସ ଭବନ ପରିସରରେ କିଷାନ କଂଗ୍ରେସ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା ।

ପର୍ଯ୍ୟବେକ୍ଷକ
PARYABEKHYAK



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୨, ଅଗଷ୍ଟ ୨୧**

# ଏଇ ଦେଖ, ଦୁଇଟି ଶ୍ରେଣୀ ଡେଇଁଲି...

**ଭୃଗୁନନ୍ଦନ ରଥ**



**ପି**ଲାମାନଙ୍କର ପାଠପଢାର ସ୍ଥିତି ଓ ପ୍ରଗତି ପରଖିବା ପାଇଁ ଗାଁକୁ ଗାଁକୁ ବୁଲିବା ବେଳେ କିଛି ନିଛକ କଥା ସାମ୍ନାକୁ ଆସିଥିଲା। ଯାହା କେବଳ ମୋ' ପାଇଁ ନୁହେଁ ଯେକୌଣସି ଶିକ୍ଷାକର୍ମୀଙ୍କ ପାଇଁ ଆଶ୍ଚର୍ଯ୍ୟର ବିଷୟ ହୋଇଥିବ। ୟୁନିସେଫ୍, ତଫସିଲ୍‌ଭୁକ୍ତ ଜାତି ଜନଜାତି ତଥା ପଛୁଆବର୍ଗ କଲ୍ୟାଣ ବିଭାଗ ଓ ଶିକ୍ଷାସନ୍ଧାନ ମିଶି ଚାରିଚକିଆ ଯାନକୁ ସ୍କୁଲ୍ କରି ଏବଂ ଦୁଇଚକିଆ ଯାନରେ ଶିକ୍ଷଣ ସାମଗ୍ରୀ ଧରି ଗାଁକୁ ଗାଁ ବୁଲିବାକୁ କୁହାଗଲା। ଲିଜା ନାୟକ, ନନ୍ଦି ଭୂୟାଁ, ଗୁରୁବାରୀ ହେମ୍ବ୍ରମ୍, ହୀରା ଟୁଡୁ, ଶ୍ରୀମତ୍ ବାସ୍କେ ଭଳି ଅନେକ ପିଲା ନଜରରେ ଆସିଲେ। ତୃତୀୟ ଆଉ ଚତୁର୍ଥ ଶ୍ରେଣୀରେ ପଢୁଥିବା ଚିକିଟାମାଟିଆ ଓ ଉଫାଲ୍‌ଗଡିଆର ପିଲାମାନେ ଅକ୍ଷର ବି ଲେଖିପଢ଼ି ପାରୁନାହାଁନ୍ତି। ଆମ ଜାଣିବାରେ ସବୁ ଆଦିବାସୀ ଜିଲ୍ଲାଠାରୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାକ୍ଷେତ୍ରରେ ଟିକିଏ ଆଗରେ ଥାଏ। ପୁଣି ଏଠି କରୋନା ଯଦି ଶିକ୍ଷାର ସ୍ତରକୁ ଏପରି କରିଦେଇଛି, ତେବେ ଅନ୍ୟ ଆଦିବାସୀ ଜିଲ୍ଲାର ଅବସ୍ଥା କ'ଣ ହୋଇଥିବ! ଏହା ଏପରି ସମସ୍ୟା, ଯାହାକୁ ଦୂର କରିବା ଏକ ପ୍ରତିବଦ୍ଧତାର ଆହ୍ୱାନ ହୋଇଗଲା।

ଦ୍ୱିତୀୟ ଶ୍ରେଣୀର ମିଥିଳା ଗୋଟିଏ ବି ଅକ୍ଷର ଲେଖିପାରୁନାହିଁ। ତୃତୀୟ ଶ୍ରେଣୀର ଗୁରୁବାରୀ 'ଟ' ଓ 'ଠ' ଯାଏ ଲେଖିପାରୁଛି। ପଞ୍ଚମ ଶ୍ରେଣୀର ଝିଅ ଲିଜା 'ଗଛ' ଲେଖିଦେଲେ ବି 'ବାଟ' ଲେଖିପାରୁନାହିଁ। ପିଲାମାନଙ୍କର ଏଥିପାଇଁ ଟିକିଏ ବି ଭୁଲ ନଥିଲା। ସକାଳୁ ଉଠିଲେ ବାପା ମା' ଜଙ୍ଗଲକୁ ଗଲେ। ଝିଅ ଘର ଜଗି ରହିଲା, ଛୋଟବଡ କାମରେ ବ୍ୟସ୍ତ ରହିଲା। ପାଠପଢ଼ା ବିଷୟରେ ପଚାରିବାକୁ କେହି ନାହାଁନ୍ତି। କେତେକଙ୍କର ସିଲଟ ଖଡ଼ି ବି ନଥିଲା। ଗାଁରେ ପାଠପଢ଼ା ଲୋକ କେହି ନାହାଁନ୍ତି। ସ୍କୁଲ୍ ବନ୍ଦ, ଶିକ୍ଷକଙ୍କର ପାଖ ମାଡିହେଉନାହିଁ। ସମୟ ପାଇଲେ ସାଙ୍ଗସାଥିମେଳରେ ଖେଳ ଆଉ ବୁଲିବାରେ ଦିନ ବିତାଇବା ଏମାନଙ୍କର ନିତିଦିନିଆ କାମ ହୋଇଗଲା। ଲୋଧା ସମ୍ପ୍ରଦାୟର ପିଲାମାନେ ଯେ ଖାଲି ଏପରି ପ୍ରକ୍ରିୟା ଦେଇ ଗତି କରୁଛନ୍ତି ତାହା ନୁହେଁ; ଆଦିବାସୀବହୁଳ ଗ୍ରାମରେ ବି ସମାନ ସ୍ଥିତି ପରିଲକ୍ଷିତ ହେଲା।

ବିଗତ ହେଲେ ବି କରୋନା କୁଆଡେ ବଂଚିଛି। ଦୁଇବର୍ଷର ତାଣ୍ଡବ ଭିତରେ କେତେ ଆଖିକୁ ଜଳାଇଛି ଆଉ ଲୁହରେ ବୁଡାଇଛି। ଯିବା ଆସିବାର ସରହଦ୍ ଭିତରେ ଅଦୃଶ୍ୟ ଶକ୍ତିକୁ ପରଖିବାର ଅଭିଜ୍ଞତା ସିଏ ପାଇଛି, ଯିଏ ପାଦଚଲା ଲୋକଙ୍କ ସାଙ୍ଗରେ ଅଛି। ମଣିଷ ସମାଜ ତିନି ଭାଗରେ ବିଭକ୍ତ ହୋଇଛି। ବଡ ଭାଗଟି ତଳେ ଅଛି; ଏହା ଉପରକୁ ମଧ୍ୟବିତ, ତା'ଉପରକୁ ଅଛି ଧନୀକ ଗୋଷ୍ଠୀ। ସର୍ବାଗ୍ରେ ଥିବା ଗୋଷ୍ଠୀଟି ପାଇଁ ସବୁ ଖଞ୍ଜା ହୋଇ ରହିଛି। ମଧ୍ୟମ ପରିବାର ନା ଏପଟକୁ ଯାଇପାରୁଛି ନା ସେପଟକୁ ଯାଇପାରୁଛି। ଏପରି ଏକ ଘଡିସନ୍ଧି ମୁହୂର୍ତ୍ତରେ ଶିକ୍ଷା ବ୍ୟବସ୍ଥାଟି ଅତି ଅବ୍ୟବସ୍ଥିତ ହୋଇଯାଇଛି କହିଲେ ଭୁଲ ହେବନାହିଁ।

ଦୁଇ ବର୍ଷ ଭିତରେ ଆମ ରାଜ୍ୟର ପ୍ରାୟତଃ ଶତକଡ଼ା ୬୦ ଭାଗ ପିଲା ପାଠରେ ଡୋରି ବାନ୍ଧି ଦେଇଥିଲେ। ବିଶେଷକରି ୧୩ ଗୋଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର ପିଲାଏ ଏହାର ଶିକାର ହୋଇଛନ୍ତି। ବାପା, ମା' ନିଜ କାମରେ ବ୍ୟସ୍ତ, ସ୍କୁଲ୍ ବନ୍ଦ, ଗ୍ରାମରେ ପାଠ ପଢ଼ାଇବାକୁ କେହି ନାହାଁନ୍ତି। ବହି ଖାତାର ଅବସ୍ଥା କ'ଣ ଅଛି ଏ ବିଷୟରେ ଚିନ୍ତା କରିବାକୁ କାହା ପାଖରେ ସମୟ ନ ଥିଲା। ସରକାର ପିଲାଙ୍କ ପାଖରେ କେମିତି, କିପରି, କେତେବେଳେ ଅବା କେଉଁ ଉଦ୍ଦେଶ୍ୟରେ କାହାକୁ ପ୍ରେରିତ କଲେ। ସେମାନେ ଏଠି କ'ଣ କଲେ; ତାହା ବାବୁମାନେ ଜାଣିଲେ ଆଉ ଉପର ବାବୁଙ୍କୁ କହିଲେ। ଉଭୟେ ଖୁସି ହେଲେ, ସରକାର ତାଳି ମାରିଲେ। ଏକଥା ବି ସତ ଯେ, ସଭିଏଁ ଭୟରେ ଥିଲେ। ରହିବା ବି ସୁନିଶ୍ଚିତ। ପରନ୍ତୁ ପିଲାଙ୍କ ପାଖକୁ ଯାଇ ତାଙ୍କର ପଢ଼ା ଆଗ୍ରହକୁ ବଳବତର ରଖିବାର ଏକ ଯୋଜନା ହୋଇଥିବାର ଶୁଣାଯାଇଥିଲା। ଉପକୂଳ ଜିଲ୍ଲାମାନଙ୍କରେ ଏହାର ପ୍ରଭାବ ଅଧିକ ଥିଲା।



ତା'ପରେ ଆସିଲା ମୋବାଇଲ୍‌ରେ ପାଠପଢ଼ା। ଏହି ପଢ଼ାଟି ଆଦିବାସୀ ଜିଲ୍ଲାମାନଙ୍କରେ ଶୂନ୍ ପ୍ରତିଶତ ପ୍ରଭାବ ଦେଖାଇଥିଲା। ଏଠାରେ ସେପରି ମୋବାଇଲ୍ ସୁବିଧା କାହିଁ! ମୋବାଇଲ୍ ଥିଲେ ନେଟ୍‌ୱାର୍କ ନାହିଁ, ଏ ସୁବିଧା ଥିଲେ ମୋବାଇଲ୍‌ରେ ଡାଟା ପକାଇବାକୁ ପଇସା ନାହିଁ। ଏପରି ଦିନଗୁଡିକ ବିତିଯିବା ପରେ ଆମ ବିଦ୍ୟାଳୟଗୁଡିକ ଖୋଲିଲା।

ଆଜି ପ୍ରଥମ ପିଲା ୩ୟରେ, ୨ୟ ପିଲା ୪ର୍ଥରେ ଆଉ ତୃତୀୟ ପିଲା ୫ମରେ ପଢ଼ିଲେ। ପିଲାଙ୍କୁ ସେହି ଶ୍ରେଣୀରେ ରଖିବା ଠିକ୍ ନୁହେଁ, ଏକଥା ସମସ୍ତେ ଜାଣନ୍ତି। ପରନ୍ତୁ ଦୁଇଟି ଶ୍ରେଣୀ ଡେଇଁ ଯିବା କଥା ସମସ୍ତେ ଜାଣନ୍ତି। ଦୁଇବର୍ଷ କାଳ ପିଲା ଯେ ପଢ଼ି ନଥିବେ, ସେକଥା ମଧ୍ୟ ଶିକ୍ଷାବିତ୍‌ମାନେ ଜାଣନ୍ତି। ଏହି ପିଲାଙ୍କ ପାଇଁ କେଉଁ ଯୋଜନା ପ୍ରସ୍ତୁତ କରାଯାଇଛି ଜଣାପଡୁନାହିଁ। ପ୍ରଥମ ଶ୍ରେଣୀରେ ପଢୁଥିବା ପିଲା, ଯିଏ ଅକ୍ଷର ଶିଖି ନଥିଲା ସେ ଏବେ ୩ୟରେ ପଢୁଛି। ଯେଉଁ ପିଲା ସଂଖ୍ୟା ସାରି ମିଶାଣ ଶିଖିଥିଲା ସେ ଏବେ ଚତୁର୍ଥରେ। ଆଉ ଯେଉଁ ପିଲା ବହି ପଢ଼ିପାରୁଥିଲା ସେ ଏବେ ୫ମରେ ପଢୁଛି। ପିଲାମାନଙ୍କର ଭାଷା ଓ ଗଣିତରେ କି କି ଦକ୍ଷତା ରହିଛି, ଏହାର ଆକଳନ ହୋଇଛି କି? ଶ୍ରେଣୀ ଅନୁଯାୟୀ ପିଲାର ଦକ୍ଷତାରେ ଅଭିବୃଦ୍ଧି ପାଇଁ ସରକାରଙ୍କର ଶିକ୍ଷାବିଭାଗ କ'ଣ ଯୋଜନା ଆଣିଛି, ସେ ବିଷୟରେ କିଏ ଜାଣିଛି? ଏଇ ଦୁଇଟି ପ୍ରଶ୍ନର ଉତର କାହା ପାଖରେ ଅଛି? ପୂର୍ବରୁ ଆକାଂକ୍ଷାର ଫର୍ଦ୍ଦଗୁଡିକୁ ଲାଗିପଡି ପୂରଣ କରି ପଠାଇ ଦିଆଗଲା। ତାହାର ଫଳାଫଳ କ'ଣ ହେଲା, ସରକାରଙ୍କ ଛଡା କମ୍ପ୍ୟୁଟରରେ ରହିଲା। ଆମେ ଦେଖୁଛୁ, ଯାହାକୁ ଶିକ୍ଷକମାନେ କରିବାକୁ ବାଧ ବୋଲି କରୁଥିଲେ।

ପ୍ରକୃତରେ ପାଠଟା କ'ଣ ଶ୍ରେଣୀ ଡେଇଁ ଯିବାର ଏକ ଅମଡା ବାଟ? ପଠନ ଦକ୍ଷତା ଆକଳନ, ତଦନୁଯାୟୀ ପଠନ ଦକ୍ଷତା ବୃଦ୍ଧିର ଶିକ୍ଷଣ ସ୍ତର ପ୍ରସ୍ତୁତି; ଆଉ ତଦନୁଯାୟୀ କୌଶଳ ନିର୍ଦ୍ଧାରଣ ଦେଇ ଗତି କରିବା କଥା। ଯାହା ଏପର୍ଯ୍ୟନ୍ତ ସ୍କୁଲ୍‌ମାନଙ୍କରେ ଦେଖାଯାଉନାହିଁ। ପରନ୍ତୁ ଏ କଥା ସତ୍ୟ ଯେ ପଠନ କୌଶଳକୁ ସରଳ କରିବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ତଥାପି ଆଜି ସେହି ପୁରୁଣା ରୀତିରେ ପଢ଼ା ଚାଲିଛି। ଶିକ୍ଷକଙ୍କୁ ପର୍ଯ୍ୟାପ୍ତ ତାଲିମ୍ ମଧ୍ୟ ମିଳୁଛି। ତଥାପି ସମସ୍ୟା କେଉଁଠି ରହୁଛି, ଏସବୁ ଆକଳନ କରିବାର ଆବଶ୍ୟକତା ରହିଛି। ପୂର୍ବରୁ ଯେଉଁ (ସି ସି ଇ ଅର୍ଥାତ୍ କଂଟିନିଓସ୍ କମ୍ପ୍ରେହେନ୍‌ସିଭ୍ ଇଭାଲ୍ୟୁସନ) ପ୍ରକ୍ରିୟାଟି ଥିଲା; ଆଜି ତାହାର ଆବଶ୍ୟକତା ପଡିବା ଚାହି। ନିରନ୍ତର ବ୍ୟାପକ ମୂଲ୍ୟାୟନ ଦ୍ୱାରା ପିଲାମାନଙ୍କର ମାସିକ ଦକ୍ଷତା ମୂଲ୍ୟାୟନ ନ କଲେ ପିଲାମାନଙ୍କୁ ଆଗକୁ ନେବା ସମ୍ପୂର୍ଣ୍ଣ କଷ୍ଟକର। ବର୍ତ୍ତମାନ ପିଲାଙ୍କୁ ପଠନ ଓ ଶିକ୍ଷଣ କ୍ଷେତ୍ରରେ ମାପକାଠି ଖୋଜିଲେ ଦୁଇଟି ପରୀକ୍ଷାକୁ ବୁଝାଉଛି। ପରୀକ୍ଷା କେବେହେଲେ ପ୍ରାଥମିକ ସ୍ତରର ପିଲାଙ୍କ ଦକ୍ଷତାକୁ ମାପିବାର ଉତ୍କୃଷ୍ଟ ପ୍ରଣାଳୀ ହୋଇପାରେନା। ଭୁଲିଯାଇଥିବା ପାଠକୁ ଶିଖାଇବା ସହିତ ଶ୍ରେଣୀର ପାଠପଢ଼ା ପର୍ଯ୍ୟନ୍ତ ଆଣିବା ପାଇଁ ସରକାର ଏହା ଭିତରେ କିପରି ବ୍ୟବସ୍ଥା କରିଛନ୍ତି; ତାହାକୁ ଅଭିଭାବକମାନେ ବୁଝିଛନ୍ତି ତ? ସ୍କୁଲ୍ ପରିଚାଳନା କମିଟି ବୈଠକରେ ଏହାଉପରେ ଆଲୋଚନା ହେଉଥିବାର ଦେଖାଯାଏ ନାହିଁ। ପିଲାଏ ଭାଷାକୁ ସହଜ ଭାବେ ଶିଖିବେ, ସେଥିପାଇଁ ଶିକ୍ଷଣ ସାମଗ୍ରୀ ଓ ତାହାର ପରିଚାଳନା ଉପରେ କେତେଥର ତାଲିମ୍ ଦିଆଗଲାଣି? ବହିଗୁଡିକ ପିଲାଏ ଚିରି ଦେବେ ବୋଲି ଯେମିତି ଆଲ୍‌ମୀରାରେ ରୁହେ; ସେମିତି ଶିକ୍ଷଣ ସାମଗ୍ରୀମାନ ରହୁଛି। ୮୦ ଭାଗ ସ୍କୁଲ୍‌ରେ ଗଣିତ ଶିଖିବା ପାଇଁ କାଠି, ଗୋଲି, ମାଳି ଓ ସଂଖ୍ୟା କାର୍ଡଟିଏ ବି ନାହିଁ। ଶିକ୍ଷଣର ପ୍ରଥମ ସ୍ତର ହେଲା ପିଲା ଶୁଣିବ, ଦ୍ୱିତୀୟରେ କହିବ, ତୃତୀୟରେ ପଢ଼ିବ ଆଉ ଶେଷରେ ଲେଖିବ। ପ୍ରାୟତଃ ଶହେ ଭାଗ ବିଦ୍ୟାଳୟ ଏବେବି ଲେଖିବାରୁ ଆରମ୍ଭ ହେଉଛି। ଆଗରୁ ଥିଲା ପାର୍ଟ ଟୁ ହୋଲ୍ ଏବେ ତାହା ହୋଲ୍ ଟୁ ପାର୍ଟକୁ ଯାଉଛି। ଅର୍ଥାତ୍ ପିଲା ଯଦି ଆକୃତି ବା ଚିହ୍ନକୁ ଦେଖି ଯେମିତି '୦'କୁ ଶୂନ ଓ ଫଳର ଆକୃତି କହିଦେଇ ପାରୁଛି। ତେବେ ଏହା 'ଙ୍କ' ବୋଲି ଲେଖିଦେଲେ ଜାଣିପାରିବ ନାହିଁ କାହିଁକି? ଆମେ ଦେଖୁ ଯେ, ଜଣେ ଜଣେ ପିଲା ମୋଟେ ଅକ୍ଷର ନ ଜାଣି ଚିତ୍ରକୁ ଦେଖି ଓ ଅକ୍ଷର ଆକୃତିରୁ ଶବ୍ଦ ଅଭ୍ୟାସ କରି ପୂରା ବହିଟି ପଢ଼ିଦିଏ। ଯେମିତି କଳ, ନଳ, ନଖ, ଚକ, ନୟନ ଇତ୍ୟାଦି।

ଏସବୁ ବିଷୟରେ ପ୍ରାୟତଃ ଆମେ ଅବଗତ ଥାଉ। ପରନ୍ତୁ ବିଦ୍ୟାଳୟ ଭିତରକୁ ପଶିଲା ବେଳକୁ ସିଲଟ ଖଡି ଧରାଇ ଲେଖା ଆରମ୍ଭ ହୋଇଯାଏ। ଅର୍ଥାତ୍ ପିଲାଙ୍କୁ କାମରେ ଲଗାଇଦେଲେ ଆମେ ହାଲୁକା ହୋଇଯାଉନାହୁଁ ତ? ଏପରି ଅନେକ ପ୍ରକାରର



ସମସ୍ୟା ଭିତରେ ପିଲାର ପଢ଼ା ପୁଣି ତଳକୁ ଖସି ଯାଉଛି କହିଲେ ଅତ୍ୟୁକ୍ତି ହେବନାହିଁ। ଅନୁଭୂତି କହୁଛି ଗ୍ରାମାଂଚଳର ୬୦ ଭାଗ ପିଲା ଯେଉଁମାନଙ୍କର ଅଭିଭାବକ ପଢ଼ିନାହାଁନ୍ତି; ପିଲାଙ୍କୁ ଟିଉସନ୍ ଦେଇ ପାରିବାର କ୍ଷମତା ନାହିଁ; ସେମାନଙ୍କର ପିଲା କ'ଣ ଶ୍ରେଣୀ ଅନୁଯାୟୀ ଶିକ୍ଷା ଗ୍ରହଣ କରିପାରିବେ? ଏସବୁକୁ ନେଇ ଦେଖାଗଲେ ପାଠପଢ଼ା ପିଲା ଓ ଶିକ୍ଷକଙ୍କ ଭିତରେ ଆଲୁଅ ଓ ଅନ୍ଧାରର ଖେଳ ଭଳି ପ୍ରତିତ ହେଉଛି। ଏହା ବର୍ତ୍ତମାନର ଏକ ମୁଖ୍ୟ ଆଲୋଚ୍ୟ ବସ୍ତୁ ବୋଲି ଭାବିବା ଜରୁରୀ, ନଚେତ୍ ଦେଶର ଭବିଷ୍ୟତ ପାଇଁ ଶୁଭଙ୍କର ନୁହେଁ।

ପାଠ ପଢ଼ି ଯେ ପିଲା ଚାକିରୀ କରିଥା'ନ୍ତା, ନକରି ପାରିବ; ଏମିତି ବି ଅନେକ ଲୋକ ଭାବୁଛନ୍ତି। ପ୍ରଚଳିତ ସମାଜରେ ଯାହା କଲେ ବି ଶିକ୍ଷାର ଆବଶ୍ୟକତା ରହିଛି ଓ ରହିବ।

ସଭିଏଁ ପଢ଼ିବେ ଏ ଅଧିକାର ତ' ମିଳିଯାଇଛି। ତଥାପି ପିଲା ସ୍କୁଲ୍ ଯାଉନାହିଁ ଏବଂ ଅଧାରୁ ବି ପିଲାଏ ପାଠ ଛାଡୁଛନ୍ତି ଏ ସମସ୍ୟା ବଢିଯାଇଛି, ଯାହା ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷାର୍ଥୀ ନ ମିଳିବା ଏକ ଉଦାହରଣ। ଏପରିସ୍ଥଳେ ରାଜ୍ୟର ତଥା ଦେଶର ଉଚ୍ଚଶିକ୍ଷିତ, ଶିକ୍ଷିତ, ଶିକ୍ଷାପାଇଁ କାମ କରୁଥିବା କର୍ମଚାରୀ, ଶିକ୍ଷକ ତଥା ଅଭିଭାବକ ଚିନ୍ତା କରିବାର ବଳିଷ୍ଠ ସମୟ ଉପଗତ। ଏ ସମସ୍ୟା ସବୁ ସ୍କୁଲ୍‌ରେ ଦେଖାଦେଇଛି। ତେଣୁ ପ୍ରାଥମିକ ବିଦ୍ୟାଳୟର ଶିକ୍ଷା ଯଦି କ୍ଷତିଗ୍ରସ୍ତ ହୁଏ, ତେବେ ଆଗକୁ ଦେଶର ଅବସ୍ଥା ଅତି ଖରାପ ଆଡକୁ ଗତି କରିବ, ଏହା ଅନସ୍ୱୀକାର୍ଯ୍ୟ। ତେଣୁ ସମସ୍ତେ ଏହାର ଭୟାବହତା ବିଷୟରେ ଚିନ୍ତା କରନ୍ତୁ ଏବଂ ଯିଏ ଯେଉଁ ସ୍ତରରେ ଅଛନ୍ତି; ଏଥିପାଇଁ କିଛି ସମୟ ବାହାର କରି ପିଲାଙ୍କର ତଥା ରାଜ୍ୟର ଉନ୍ନତି ପାଇଁ ସହଯୋଗ କରନ୍ତୁ।

—ମୋରଡ଼ା, ମୟୂରଭଞ୍ଜ,
ମୋ: ୯୯୩୮୬୩୧୯୫୪

# ଦୁର୍ନୀତି ଚାଲୁଛି, ଚାଲୁଥିବ !

**ସୁବାସ ଷଡଙ୍ଗୀ**



**ଗା**ତ କିଛି ମାସ ହେଲା ଟିଭି ଓ ଖବରକାଗଜରେ ଖବର ପ୍ରକାଶ ପାଉଛି ଭିଜିଲାନ୍ସ ରେଡର କଥା। ମଧ୍ୟମ ବର୍ଗୀୟ ଅଫିସରଙ୍କ ଘରୁ ବିପୁଳ ପରିମାଣର ସଂପତି ଜବତ କରୁଛନ୍ତି ଭିଜିଲାନ୍ସ ବିଭାଗର ଅଫିସରମାନେ। ଏଥିରେ ରହିଛି ରାଜଧାନୀ ଭୁବନେଶ୍ୱର ତଥା ବଡବଡ ସହରରେ ଅନେକ ଜମି ଓ ଫ୍ଲାଟ। ଏଇ ବର୍ଗୀୟ ଅଫିସରମାନଙ୍କ ମଧ୍ୟରେ ଅଛନ୍ତି, ଇଞ୍ଜିନିୟର, ଡାକ୍ତର, ଓଏଏସ ଅଫିସର ତଥା ତୃତୀୟ ବର୍ଗର କିଛି ଅଫିସର। ଏମାନଙ୍କ ଘରୁ କୋଟିକୋଟି ଟଙ୍କାର ଆୟ ବର୍ହିଭୁତ ସମ୍ପତି ଜବତ କରିଛି ବୋଲି ପ୍ରକାଶ କରିଛି ଭିଜିଲାନ୍ସ ବିଭାଗ। ଏପରିକି କର୍ମଚାରୀ ଚୟନ ସଂସ୍ଥାର ଜଣେ ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ଘରୁ ବିପୁଳ ପରିମାଣର ନଗଦ ଅର୍ଥ ମିଳିବା ସମସ୍ତଙ୍କୁ ଚକିତ କରିଛି।

ଏଥିରୁ ଗୋଟାଏ କଥା ପ୍ରମାଣିତ ହୁଏ ଯେ ଆମ ରାଜ୍ୟରେ ରାଜନୈତିକ ଦୁର୍ନୀତିର କୌଣସି ଅଭାବ ନାହିଁ। ଆପଣ ପଚାରପାରନ୍ତି, ଏଥିରେ ରାଜନୀତିର କ'ଣ ସମ୍ପର୍କ ଅଛି? ସରକାରୀ ଅଫିସରମାନେ ଲଗାମଛଡା ଭାବରେ ଏପରି ଦୁର୍ନୀତି କରୁଛନ୍ତି।

ସହଜ ଭାଷାରେ ରାଜନୈତିକ ଦୁର୍ନୀତିର କଥା କହିଲେ ଆମେ ବୁଝୁ ସରକାର ଏବଂ ସରକାରୀ ପ୍ରତିଷ୍ଠାନରେ ହେଉଥିବା ଦୁର୍ନୀତିକୁ। ଏସବୁ ଦୁର୍ନୀତିରେ ନେତାଙ୍କ ଅପେକ୍ଷା ଅଧିକ ଜଡିତ ଥାଆନ୍ତି, ସରକାରୀ ଅଫିସରମାନେ। ରାଜନୈତିକ ଛତ୍ରଛାୟା ଏମାନଙ୍କୁ ଅଧିକ ଦୁର୍ନୀତି କରିବାକୁ ପ୍ରରୋଚିତ କରେ।

ଦୁର୍ନୀତି ଯେ ଏବେ ହେଲା ଆଗରୁ ନଥିଲା, ଏକଥା ନୁହେଁ। ପ୍ରାଚୀନ ଭାରତରେ ମଧ୍ୟ ଥିଲା। କୌଟିଲ୍ୟ ତାଙ୍କ ଅର୍ଥଶାସ୍ତ୍ରରେ ଅନେକ ପ୍ରକାରର ଦୁର୍ନୀତି ସମ୍ପର୍କରେ ଉଲ୍ଲେଖ କରିଛନ୍ତି। କିନ୍ତୁ ସ୍ୱାଧୀନତା ପରେ ଏଇ ଦୁର୍ନୀତି ଆମ ସମାଜର ବିଭିନ୍ନ ବ୍ୟବସ୍ଥା ସହ ଅଙ୍ଗାଙ୍ଗି ଭାବରେ ଜଡିତ ହୋଇଯାଇଛି। ବିଶେଷକରି ଏଇ ଦଶନ୍ଧିରେ ଦୁର୍ନୀତିର ଆକାର ଓ ପରିମାଣ ବଢିଛି।

ରାଜନୈତିକ ଦୁର୍ନୀତି ସମାଜକୁ ଦୁର୍ବଳ କରିଦିଏ, ଏକଥା ଆମେ ଜାଣୁ। ସମାଜକୁ କିପରିଭାବେ ଦୁର୍ବଳ କରେ? ଯେଉଁମାନେ ଏଭଳି ଦୁର୍ନୀତିର ଶିକାର ହୁଅନ୍ତି, ସେମାନଙ୍କ ଜୀବନରେ ଏହା ଗଭୀର କ୍ଷତ ସୃଷ୍ଟି କରେ।

ମନେକରାଯାଉ, ନିଯୁକ୍ତି ପ୍ରତିଷ୍ଠାନର ଜଣେ ଅଫିସର ପୋଲିସ ସବଇନସ୍‌ପେକ୍ଟର ଚାକିରି ପାଇଁ ଦଶଲକ୍ଷ ଟଙ୍କା ଲାଂଚ ନେଲେ। ଯେଉଁ ଲୋକ ଜଣକ ଏତେ ଟଙ୍କା ଲାଂଚ ଦେଇ ଚାକିରି ପାଇଲା, ସେ ଓ ତା'ର ପରିବାର ଆର୍ଥିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହେଲେ। ସବୁବେଳେ ମନ ଭିତରେ ଗୋଟାଏ କଥା ଦେଖାଦେଲା ଯେ କୌଣସି ଉପାୟରେ ଦୁଇ କୋଟି ଟଙ୍କା କେମିତି ରୋଜଗାର କରିବ। ସେ ଚୋରକୁ ସାଧୁ ନ ବନେଇଲେ, କିପରି ରୋଜଗାର କରିବ? ଠିକ୍ ସେମିତି ଇଞ୍ଜିନିୟର, ଡାକ୍ତର, ଓଏଏସ ଅଫିସର ଏବଂ ଶେଷକୁ ଠିକାଭାବେ ରହିଥିବା କର୍ମଚାରୀ। ଯେଉଁମାନେ ଲାଂଚ ନିଅନ୍ତି, ସେମାନେ ବେଆଇନଭାବେ ସୁବିଧା ଦିଅନ୍ତି। ଯଦ୍ଦ୍ୱାରା ସାଧାରଣ ଲୋକେ ପ୍ରଭାବିତ ହୁଅନ୍ତି।

ସରକାରୀ ଅଫିସରଙ୍କ ମଧ୍ୟରେ ଲାଂଚ ନେବାର ପ୍ରବଣତା ଅଧିକ। କାରଣ ସେମାନେ ଲାଂଚଦେଇ ଚାକିରି ପାଇଛନ୍ତି।

ଏଠାରେ ସାମାଜିକ ଆସ୍ଥା ବା ସୋସିଆଲ ଟ୍ରଷ୍ଟ କଥା କୁହାଯାଇପାରେ। ସାମାଜିକ ଆସ୍ଥାର ଅର୍ଥ ହେଲା, ସରକାରଙ୍କ ବିଭିନ୍ନ ପ୍ରତିଷ୍ଠାନ ଏବଂ ସମାଜର ବିଭିନ୍ନ ବର୍ଗଙ୍କ କଥାକୁ ବୁଝାଏ। ଏକଦା କୁହାଯାଉଥିଲା ଆର୍ଥ ସାମାଜିକ ଉନ୍ନୟନ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଶ୍ରମ ଓ ପୁଞ୍ଜି। କିନ୍ତୁ ଏବେ କୁହାଯାଉଛି ଶ୍ରମ ଓ ପୁଞ୍ଜି ସହିତ ଦରକାର ସାମାଜିକ ଆସ୍ଥା।

ଦୁର୍ନୀତି ସାମାଜିକ ଆସ୍ଥାକୁ ଅଚଳ କରିଦିଏ। ବିଭିନ୍ନ ସରକାରୀ ପ୍ରତିଷ୍ଠାନ ଉପରେ ଆମର ଆସ୍ଥା ରହିବା ନିହାତି ଦରକାର। ମନେକରାଯାଉ, ସ୍କୁଲରେ ନାମ ଲେଖାଇବାକୁ ଯଦି ଆମକୁ ଲାଂଚ ଦେବାକୁ ହୁଏ, ତେବେ ଶିକ୍ଷା ବ୍ୟବସ୍ଥା ଉପରେ ଆମର ଆସ୍ଥା ରହିବ ନାହିଁ। ସରକାରୀ ପ୍ରତିଷ୍ଠାନଗୁଡିକର କ୍ରେଡିବିଲିଟି ଆଉ ରହେନାହିଁ। ବଡ ପ୍ରତିଷ୍ଠାନ ହୋଇଥିଲେ ମଧ୍ୟ ଲୋକେ କହନ୍ତି, ଲାଂଚ ଦେଲେ କଳାକୁ ଧଳା ହୋଇଯିବ। ସରକାରୀ ଡାକ୍ତରଖାନାରେ ରୋଗୀଟିଏ ପହଂଚିଲେ ଆଡମିଶନ ପାଇଁ ତାକୁ କିପରି ଲାଂଚ ଦେବାକୁ ହୁଏ, ସେ ଖବର ଆମେ ପ୍ରତିଦିନ ଖବରକାଗଜ ବା ଟେଲିଭିଜନରୁ ଦେଖିବାକୁ ପାଉଛୁ। ସରକାରୀ ଡାକ୍ତରଖାନା ଉପରେ ଆମର ଭରସା ନଥିବାରୁ ଲୋକେ ବାଧ୍ୟ ହୋଇ ଘରୋଇ ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି। ଆମେ ସରକାରୀ ସ୍କୁଲ ବା ଡାକ୍ତରଖାନା ଯେତେ ଚକାଚକ କଲେ କ'ଣ ହେବ, ତା' ଉପରେ ଲୋକଙ୍କ ଭରସା ନାହିଁ।

ଆମେ କହିପାରିବା, ଦୁର୍ନୀତି ଯୋଗୁଁ ଆଜି ଆମର ଦୁଇଟି ମୌଳିକ ବ୍ୟବସ୍ଥା, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର କାର୍ଯ୍ୟକାରିତା ତା'ର ପ୍ରାସଙ୍ଗିକତା ହରେଇବସିଛି। ସେଇପରି ଅନ୍ୟ ବିଭାଗର କଥା ନ କହିଲେ ଭଲ। ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ ବିଭାଗରେ ଲାଂଚର ଅନ୍ୟ ନାମ ରହିଛି। ଏଠାରେ ଲାଂଚର ଅନ୍ୟ ନାମ ହେଉଛି ପିସି ବା ପରସେଣ୍ଟେଜ। ବ୍ଲକ ଅଫିସରେ କୋଡିଏ ଭାଗ ପିସି ପ୍ରତି କାମରୁ ନିଆଯାଏ। ଏ କଥା ସାଧାରଣ ଲୋକଟିଏ ଜାଣେ। କିନ୍ତୁ ସେଇ କୋଡିଏ ଭାଗ କିଏ କିଏ ନିଅନ୍ତି, ସେକଥା ଜାଣନ୍ତି ନାହିଁ। ଭିଜିଲାନ୍ସ ବିଭାଗ ନିଜେ ପରା ଦୁର୍ନୀତିଗ୍ରସ୍ତ। ମାମଲା ଦଫାରଫା କରିବା ପାଇଁ କାରବାର ହୁଏ। ସେଥିପାଇଁ ଅଦାଲତରେ ଦୋଷୀ ଦଣ୍ଡ ପାଏ ନାହିଁ, ଖସିଯାଏ। ଏଇ ପିସିର ପରିମାଣ ଯଦି ବଢିଯାଏ, ତେବେ ରାସ୍ତାରୁ ପିଚୁ ଉଠିଯାଏ, ପୋଲ ଭୁଶୁଡି ପଡେ।

ସରକାରୀ ସ୍କୁଲ ଉପରେ ଆମର ଭରସା ନାହିଁ, ଏଣୁ ଆମେ ଘରୋଇ ସ୍କୁଲରେ ପିଲାଙ୍କୁ ପାଠ ପଢଉଛୁ। ସାଧାରଣ ଜରକାଶ ହେଲେ ସରକାରୀ ଡାକ୍ତରଖାନାକୁ ନ ଯାଇ ପ୍ରାଇଭେଟ ଡାକ୍ତରଙ୍କ ସହ ଫିସ୍ ଦେଇ ପରାମର୍ଶ କରୁଛୁ। ସରକାରୀ ସେବା ଉପରେ ଆମର ଆସ୍ଥା ନାହିଁ।

ଆମ୍ଭମାନଙ୍କର ଧାରଣା ସରକାରୀ ଅଫିସ୍‌ରେ ଲାଂଚ ନଦେଲେ କାମ ହୁଏ ନାହିଁ। ଏହା ଶତକଡା ଶହେ ସତ। ସେଇ କାରଣରୁ ବାବୁମାନେ ଧରାପଡନ୍ତି ଓ ଅମାପ ସମ୍ପତିର ଅଧିକାରୀ ହୋଇଯାଆନ୍ତି। ସାଧାରଣ ଭାବେ ନଈ ବଢିଲେ କୂଳ ଖାଏ। ଆଉ ଘାଇ ହେଲେ ଗାଁଗଣ୍ଡା ଭାସିଯାଏ। ସେଇପରି ଦୁର୍ନୀତି। ଦୁର୍ନୀତି ବଢିଲେ ସମାଜ ଧୀରେ ଧୀରେ ପଙ୍ଗୁ ହୋଇଯିବ।

କିନ୍ତୁ ଏହାର ନିରାକରଣ ପାଇଁ ବାଟ କାହିଁ? ଆମେ ନିଜେ ପରା ଦୁର୍ନୀତିକୁ ପ୍ରରୋଚିତ କରୁ। କହିବା କାହାକୁ?

-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର,
ମୋ-୯୪୩୯୬୫୨୩୨୨

# —କ୍ଷମା ମାନବ— ଜୀବନର ଶିରୋମଣି





**କ୍ଷ**ମା ମାନବ ଜୀବନର ଶିରୋମଣି ସଦୃଶ। ଏହା ସବୁଗୁଣ ମଧ୍ୟରେ ଶ୍ରେଷ୍ଠ। କ୍ଷମା ଗୁଣ ପାଇଁ ଜାତି, ଧର୍ମ, ବର୍ଣ୍ଣ ଆଦିର କିଛି ଭେଦ ବିଚାର ନାହିଁ। ଏହାର ଉତ୍ପତ୍ତି ପ୍ରେମରୁ। ଯେଉଁ ବ୍ୟକ୍ତି କ୍ଷମାଶୀଳ ସେ ସଂସାରର ଯେକୌଣସି ବଡ଼ କାମ ସାଧନ କରିପାରିବ। ଚନ୍ଦନକାଠ ଯେପରି ଘସା ହେଲେ ମଧ୍ୟ ସୁଗନ୍ଧ ବିତରଣ କରେ, ଧୂପ କାଠି ଜଳି ଗଲାବେଳେ ଗନ୍ଧ ବିତରଣ କରେ ମଲ୍ଲୀଫୁଲ ଝଡ଼ି ଗଲାବେଳେ ମଧ୍ୟ ମହକ ଖେଳାଇ ଦିଏ, ସାଧୁ ଲୋକ ସେହିପରି ଦୁଃଖରେ କଷ୍ଟରେ ଜୀବନ ବିତାଉ ଥିଲାବେଳେ ମଧ୍ୟ ନିଜର ସାଧୁତା ଓ କ୍ଷମାଗୁଣ ପ୍ରଦର୍ଶନ କରିଥାଏ। ଫଳ ଖାଇବାକୁ ହେଲେ ଗଛକୁ ରକ୍ଷା କରିବାକୁ ହେବ। ଗଛର ଡାଳପତ୍ର ସହ ଫଳର ପ୍ରତ୍ୟକ୍ଷ ସମ୍ପର୍କ ନଥିଲେ ମଧ୍ୟ ଫଳ ନିମନ୍ତେ ଏହାକୁ ରକ୍ଷା କରିବାକୁ ହେବ। ସେହିପରି ଯେଉଁମାନେ ଜ୍ଞାନ ଫଳ ଚାହାନ୍ତି ସେମାନଙ୍କୁ ତପ, ଧ୍ୟାନ, ଭଜନର ଗଛକୁ ପରିପାଳନ କରିବାକୁ ହେବ। ଏହା କଲେ ଯାଇ ମଣିଷ ନିଜର ମଣିଷ ପଣିଆ ଉପଲବ୍ଧି କରିପାରିବ। ଭୌତିକ ହେଉ ବା ଆଧ୍ୟାତ୍ମିକ ହେଉ, ଯେକୌଣସି କର୍ମ କରିବାକୁ ହେଲେ ଦୃଢ଼ ପ୍ରଯତ୍ନ ଦରକାର। ପ୍ରଯତ୍ନ ବିନା କିଛି ହେଲେ ସଫଳ ହେବନାହିଁ। ସାଧନାରେ ପ୍ରଥମେ ହତାଶା ଆସିପାରେ, ବିଫଳତା ଆସିପାରେ, ମାତ୍ର ସାଧନା ପରିତ୍ୟାଗ କରନା। ସାଇକେଲ ଚଢ଼ା ଶିଖିଲାବେଳେ ପ୍ରଥମେ ପ୍ରଥମେ ତଳେ ପଡ଼ି ଆହତ ହେବାର ସମ୍ଭାବନା ଥାଏ। ମାତ୍ର କ୍ରମେ ସାଇକେଲ ଚଢ଼ା ଶିଖିଗଲେ ହାତ ଛାଡ଼ି ମଧ୍ୟ ସାଇକେଲ ଚଳାଇ ହୁଏ। ସାଧନା ଅଭ୍ୟାସ କଲେ ଯାଇ ଜ୍ଞାନର ଫଳ ମିଳିବ। ସେଥିପାଇଁ ପ୍ରଯତ୍ନ ଆରମ୍ଭ କରିବାକୁ ହେବ।

ଅଭ୍ୟାସ ବଳରେ ସଂସାରରେ ଅନେକ କାମ କରାଯାଇପାରିବ। ପ୍ରଯତ୍ନ କଲେ ପିମ୍ପୁଡ଼ି ମଧ୍ୟ ଅନେକ ବାଟ ଚାଲିପାରେ, ଉଦ୍ୟମ ନ କଲେ ଚିଲ ଫୁଟେ ବି ଉଡି ପାରିବ ନାହିଁ। ଏଣୁ ଫଳ କର୍ମ ଦ୍ୱାରା ହିଁ ନିର୍ଦ୍ଧାରିତ ହୋଇଥାଏ। ସତକର୍ମ ନିମନ୍ତେ ସତସଙ୍ଗ ଦରକାର। ସତସଙ୍ଗର ପବିତ୍ରତା ଅନୁଭବ ଦ୍ୱାରା ବୁଝି ହେବ, ମୁହଁର କଥାରୁ ନୁହେଁ। ସଙ୍ଗ ଫଳ ତୁମକୁ ଗୌରବର ଶିଖରରେ ପହଞ୍ଚାଇ ଦେଇପାରେ କିମ୍ବା ବିନାଶର ଗଭୀରତାରେ ନିକ୍ଷେପ କରିଦେଇପାରେ। ଧୂଳି ପବନ ସଙ୍ଗ ଲାଭ କରି ଆକାଶକୁ ଉଠିଯାଏ, ମାତ୍ର ଜଳର ସଙ୍ଗ ଲାଭ କଲେ କାଦୁଅ ହୋଇ ତଳେ ବସିଯାଏ। ଧୂଳିର ଚାଲିବାକୁ ଗୋଡ଼ ନାହିଁ ବା ଉଡିବାକୁ ଡେଣା ନାହିଁ। ଉପରକୁ ଉଠିବାକୁ ବା ତଳକୁ ଖସିବାକୁ ଦାୟୀ ସଙ୍ଗ। ଖଣ୍ଡିଏ ଲୁହାକୁ ମାଟିରେ ପକାଇଲେ କିଛି ଦିନ ପରେ ସେଥିରେ କଳଙ୍କି ଲାଗିବ, ପୁଣି ସେଇ ଲୁହାକୁ ନିଆଁରେ ପକାଇଲେ ଏହାର କଳଙ୍କି ବା ଅଶୁଦ୍ଧତା ପୋଡ଼ି ଧ୍ୱଂସ ହୋଇଯାଏ। ଏଣୁ ପବିତ୍ରତା ବା ଅପବିତ୍ରତାର କାରଣ ସହବାସ ବା ସଙ୍ଗ। ଯିଏ ତୁମର ଉପକାର କରେ ତାର ଅପକାର କରିବା, ଯିଏ ତୁମକୁ ଭଲ ପାଏ ତାକୁ ଘୃଣା କରିବା ରାକ୍ଷସ ସ୍ୱଭାବ। ଯିଏ ତୁମକୁ ଭଲ ପାଏ ତାକୁ ଭଲପାଇବା ମନୁଷ୍ୟ ସ୍ୱଭାବ, ମାତ୍ର ଯିଏ ତୁମର ଅପକାର କରେ ତାର ଉପକାର କରିବା, ଯିଏ ଘୃଣା କରେ ତାକୁ ପ୍ରେମ କରିବା, ଦୈବୀ ସ୍ୱଭାବ। ପରମାତ୍ମାଙ୍କ ସ୍ୱଭାବ କେବଳ ପ୍ରେମ। ପ୍ରେମ ଓ କ୍ଷମା ସମାନ। ଏଣୁ ପ୍ରେମ ଓ କ୍ଷମା ମଧ୍ୟରେ ଅଭିନ୍ନ ଭାବ ସମ୍ବନ୍ଧ ବିଦ୍ୟମାନ। ଶାନ୍ତ ଭାବ ଗୋଟିଏ ଭଲ ଗୁଣ। ଏହା ଆତ୍ମାର ସ୍ୱଭାବ। ଯେଉଁମାନେ ଅତି ଆଶାୟୀ ଓ ସ୍ୱାର୍ଥପର ସେମାନଙ୍କ ମନରେ ଏ ଗୁଣ ରହିବ ନାହିଁ। କେବଳ ନିର୍ମଳ ଚିତ୍ତ ଓ ନିଃସ୍ୱାର୍ଥ ଲୋକଙ୍କ ଠାରେ ଏହା ରହିପାରିବ।

ନିର୍ମଳତା ଓ ନିଃସ୍ୱାର୍ଥଭାବ ପରମାତ୍ମାଙ୍କ ଗୁଣ। ପରମାତ୍ମା ମଧ୍ୟ ବାଙ୍କମୟୀ, ଜ୍ୟୋତିର୍ମୟୀ, ଶବ୍ଦ ବ୍ରହ୍ମମୟୀ, ପରାପ୍ରମୟୀ, ଶ୍ରୀମୟୀ, ମାୟାମୟୀ, ଦୟାମୟୀ ଇତ୍ୟାଦି। ପରମାତ୍ମାଙ୍କୁ ନିର୍ଗୁଣ, ନିରଞ୍ଜନ, ସନାତନ, ନିକେତନ, ନିତ୍ୟ, ଶୁଦ୍ଧି, ବୁଦ୍ଧି ବୋଲି ବର୍ଣ୍ଣନା କରାଯାଇଛି। ପରମାତ୍ମା ଯେତେବେଳେ ମନୁଷ୍ୟ ରୂପ ଗ୍ରହଣ କରନ୍ତି, ସେତେବେଳେ ତାଙ୍କର ଦେହ ଚେତନା, କ୍ରୋଧ, ମୋହାଦି ଥିଲା ଭଳି ପ୍ରତୀୟମାନ ହୁଅନ୍ତି। ଏହା ସଂସାର ଲୋକଙ୍କ ପାଇଁ ଛଳନା ମାତ୍ର। ପ୍ରକୃତରେ ତାଙ୍କଠାରେ ଏସବୁ କିଛି ନଥାଏ।

**ଭବାଶିଷ ଦାସ**, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ପ୍ଲଟ ନଂ - ୧୪୫୦, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୮୬୧୧୧୮୬୭୩

## ଆଜିର ଅନୁଚିନ୍ତା

*ନିଜ ପାଇଁ ଏତେ ବ୍ୟସ୍ତ ହୁଅନାହିଁ। ଯିଏ ତୁମ୍ଭଙ୍କୁ ସୃଷ୍ଟି କରିଛନ୍ତି, ସେ ନିଶ୍ଚୟ ତୁମ୍ଭ ପାଇଁ ଭାବୁଛନ୍ତି।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**




କ୍ଷୁଦ୍ରଗଳ୍ପ

# ଫାଲଗୁନୀର ଚ଼ିଠି

**ପବିତ୍ର ମୋହନ ମହାରଣା**

କଲିଙ୍ଗ ବେଲ ର ଶବ୍ଦ ରେ ଫାଲ୍ଗୁନୀ ର ଛାଇ ନିଦ ଟା ଭଗ୍ନ ହୁଏ । ଜୀର୍ଣ୍ଣଶୀର୍ଣ୍ଣ ଶରୀର ଉପରେ ପତଳା ଚ଼ର୍ମ ର ଛାଉଣି,ଅଲରା କେଶ, ସାବନି ଦେହ ଉପରେ ନୀଳ ରଙ୍ଗ ର ପତଳା ଚୁଡ଼ିଦାର ଖଣ୍ଡେ ପବନର ହାଲୁକା ସ୍ପର୍ଶ ରେ ଏପଟ ସେପଟେ ହେଉଥାଏ । ବୟସ ବୋଧେ ସତେଇଶି ପାଖାପାଖି । ଫାଲ୍ଗୁନୀ ତାର ପେଜୁଆ ପେଜୁଆ ଦୁଇ ଆଖି କୁ ମଳି ଦେଇ ଏକ ଦୀର୍ଘ ହାଇ ମାରି ସାରିଲା ପରେ କବାଟ ଖୋଲିବା ପାଇଁ ଦୁଆର ବନ୍ଧ ପାଖକୁ ଯାଇ କବାଟ ଖୋଲି ଦେଖେ ସାମ୍ନାରେ ଜଣେ ପୋଷ୍ଟମାଷ୍ଟର ବାବୁ । ହାତରେ ତାଙ୍କ ଏକ ଭଙ୍ଗା ସାଇକେଲ ସାଙ୍ଗକୁ ଏକ ବିଡାଏ ଚ଼ିଠି । ଫାଲ୍ଗୁନୀ ଡାକ ବାବୁ ଙ୍କୁ ଦେଖି ତତକ୍ଷଣାତ ଏକ ଖୁସି ଲହରୀ ତାର ଚେମେଡ଼ା ଓଠ ଆଙ୍କି ଦେଇ ଏକ ମୁରୁକି ହସା ମାରିଦେଇ କହେ : ମୋ ପାଇଁ କିଏ ଚ଼ିଠି ଦେଇଛି କି ? ଆଉ ପ୍ରଶ୍ନ ଟା ଏମିତି ପଚ଼ାରିଲା ଯେମିତି ଆଗରୁ ସେ ଅନେକ ଥର ଚ଼ିଠି ଆଣି ଦେଇଛି । ହେଲେ ତାର ପ୍ରଶ୍ନ ରେ ଡାକବାବୁ ଜଣକ ମୁଣ୍ଡ ଟୁଙ୍ଗାରି ଦେଇ ମନା କରିବା ସହ ନାଇଁ ରେ ମା ! ଅନୁରାଗ ବାବୁ ମାନେ ତୋ ବାପା ଙ୍କ ନା ରେ ତାଙ୍କ ଅଫିସ ରୁ ଚ଼ିଠି ଟିଏ ଆସିଛି । ଏଇ ଏଇଠି ଦସ୍ତଖତ ଟିଏ କରି ଚ଼ିଠି ଟି ରଖିନେ ବାପା ଙ୍କୁ ଜଣେଇଦେବୁ । ହେଲେ କାହିଁକି କେଜାଣି ଡାକବାଲା ର ଏମିତି ଉତ୍ତର ରେ ଏଇ କିଛି ସମୟ ତଳେ ଯୋଉ ହସ ଟିକିକ ତା ଓଠରେ ସଜ ଫୁଟା ଗୋଲାପ ପରି ଫୁଟି ଉଠିଥିଲା ତାହା ଏବେ ମଉଳା ଫୁଲ ପରି ଧୀରେ ଧୀରେ ବାସି ହେବାରେ ଲାଗିଲାଣି । ଡାକବାଲା ଚ଼ାଲିଯାଏ । ହେଲେ ଫାଲ୍ଗୁନୀ କବାଟ କଣ ଟା ରେ ସେମିତି ଛିଡା ହୋଇ ଏକ ଅପଲକ ନୟନ ରେ ସେଇ ବାବୁ ଜଣକୁ ଚ଼ାହିଁ ରହିଥାଏ ଯେ ପର୍ଯ୍ୟନ୍ତ ସେ ଦୃଷ୍ଟି ଆନ୍ତରାଳ ରୁ ନ ଯାଇଛି । ଡାକ ବାଲା ଯେତେ ଦୂରକୁ ଦୂରକୁ ଯାଉଥାଏ ଫାଲ୍ଗୁନୀ ଆଖିରେ ରେ ଅନେକ ଅଧାଗଢା ସ୍ୱପ୍ନ ଯାହା ଅପୂରଣୀୟ । ଅନେକ କ୍ଷତ ପୂର୍ଣ୍ଣ ଆଶା । ସମୁଦ୍ର ର ଗଭୀରତା ଭଳି ବିଶ୍ୱାସ ଆଉ ହୃଦୟର କିଛି ଭଗ୍ନାବଶେଷ ତାକୁ ଅତୀତ ର ସେଇ ଇତିହାସ ଭିତର କୁ ଟାଣି ନେଉଥାଏ ।

ଆଜିଠୁ ଠିକ ଆଠ ବର୍ଷ ତଳେ ଯେତେବେଳେ ଫାଲ୍ଗୁନୀ ତା ମାମୁଁଘର ଘରେ ରହି ଉଚ୍ଚ଼ଶିକ୍ଷା ପଢିବା ପାଇଁ ଯାଇଥିଲା । ନିଜ ଗାଁ ରେ ଭଲ ସ୍କୁଲ ଟିଏ ନଥିବା ହେତୁ ମାମୁଁ ମାଇଁ ଙ୍କ ପରାମର୍ଶ କ୍ରମେ ବାପା ବୋଉ ତାକୁ ମାମୁ ଘରେ ପ ?ାଇବା ପାଇଁ ନିଷ୍ପତ୍ତି ନେଲେ ତା ଛଡା ସେଇଠି ରହି ପଢିଲେ ଶୀତୁଭାଇ (ମାନେ ମାମୁ ପୁଅ ଭାଇ )ଅଛି ସେ ତ କଲେଜ ଗଲାଣି ସେ ଫାଲ୍ଗୁନୀ କୁ ଟ୍ୟୁସନ କରିଦେବ । ଫଳରେ ଟ୍ୟୁସନ ଖର୍ଚ୍ଚ ଟା ବି ବଞ୍ଚିଯିବ । ଶୀତୁ ଭାଇ କଥା ପଡିଲେ କାହିଁକି କେଜାଣି ତା ମନରେ ଅନେକ ଅସୁମାରୀ ଆଶା ଉଙ୍କି ମାରେ ତାର ଦରଫୁଟା କିଶୋରୀ ଓଠରେ ଲାଜ ଗୁଡିକ ଧାରା ଶ୍ରାବଣ ର ବର୍ଷା ବିନ୍ଦୁ ପରି ଝର ଝର ହୋଇ ଝରିଯାଏ । ଏକ ଅମାନିଆ ନଈ ଟିଏ ପରି । ପିଲବେଳର ଶୀତୁ ଭାଇ ସାଙ୍ଗରେ ଖେଳକୁଦ କାଇଟି ଉଡ଼ା, ପତର ଫୁଙ୍କା, ଚୋରି ଚୋରି ଖେଳ ଭାରି ଭାରି ଖୁସି ଆଣିଦିଏ । ହେଲେ ସେତେବେଳେ ର ଶୀତୁ ଭାଇ ଠୁ ଆଜିର ଶୀତୁ ଭାଇ ପୁରା ଅଲଗା । ଲମ୍ବା ଦେହ, ଚ଼ଉଡା ଛାତି, କଳା ମଚ଼ ମଚ଼ କେଶ ସାଙ୍ଗକୁ କମନୀୟ ରୂପ ଏକ ଅପସରି କୁ ମୋହିତ କରିବା ପାଇଁ ଯଥେଷ୍ଟ । ଆଉ ଫାଲ୍ଗୁନୀ ତ ଛାର ମାନବୀ ଟିଏ । ପିଲା ବେଳର ସେଇ ବୋହୁ ଚୋରି ଖେଳ ଯେଉଁଥିରେ ଶୀତୁ ଫାଲ୍ଗୁନୀ କୁ କନିଆ କରି ବୁଢ଼ୀ ଅସୁରୁଣୀ ଠୁ ଚୋରେଇ ନେଇଛି । ସେଇ ମିଛି ମିଛିକା ଖେଳ ଫାଲ୍ଗୁନୀ ମନ ରେ ଅନେକ ବସା ବାନ୍ଧିଚ଼ି ସେଥିପାଇଁ ତ କୁମାର ପୁନେଇଁ ଦିନ ଜହ୍ନ କୁ ଦେଖି ଲିଆ ଫୋପାଡିବା ବେଳେ ଅନେକ ଥର ସେ ଶୀତୁ କୁ ହିଁ ଜୀବନ ସାଥି ଟିଏ ରୂପରେ ମାଗିଛି ।

ଦିନେ ଅଜା ଆଇ ଥଟା କରୁ କରୁ ମାମୁ ଙ୍କୁ କହିଥିଲେ ଏଇ ଦିଟା ଙ୍କୁ ବରକନିଆ ବେଶ ରେ ନ ଦେଖିଲା ପର୍ଯ୍ୟନ୍ତ ଆମେ ମରୁନୁ । ଅଣ ନାତି ନାତୁଣୀ ଦେଖିବୁ ତା ପରେ ଯୋଉ କଥା । ମାମୁ ବି ଅଜାଙ୍କ କଥା ରେ ସମ୍ମତି ଜଣାଇଥିଲେ । ଏଇ କେଇ ପଦ କଥା ସେଇ ଦିନ ଠାରୁ ଫାଲ୍ଗୁନୀ ମନରେ ଶୀତୁ ପାଇଁ ଏକ ମହଲ ଟିଏ ତିଆରି ହୋଇ ସାରିଥିଲା । ସେ ଶୀତୁ କୁ ମନେ ମନେ ବହୁତ ଭଲପାଏ ହେଲେ କେବେ ଓଠ ଖୋଲି କହି ପାରେନି । କାରଣ ଏବେ ସେ ପିଲାଦିନ ଆଉ ନାହିଁ । ଶୀତୁ କୁ ଦେଖିଲେ ତାକୁ ଭାରି ଲାଜ ଲାଗେ । ବେଳେ ବେଳେ ଶୀତୁ ତାକୁ ପଢେଇବା ବେଳେ ଅନେକ ଥର ତାର ସେଇ ଗଭୀର ଆଖି ଦୁଇଟି ରୁ ଝରି ଆସୁଥିବା ପ୍ରେମର ନଈ ର ସ୍ରୋତ ରେ ଫାଲ୍ଗୁନୀ ଭାସିଯିବାକୁ ବାଧ୍ୟ ହୁଏ । ବାରମ୍ବାର ଅନ୍ୟମନସ୍କ ରହେ । ପାଠ ପଚ଼ାରିଲେ କିଛି ନ କହି ଶୀତୁ ର କଥା କୁହା ଓଠ ଦୁଇଟି କୁ ଚ଼ାହିଁ ରହେ । ଏଣେ ତେଣେ ଗପେ । ଜହ୍ନ କୁ କଇଁ ଚ଼ାହିଁଲା ପରି ଦିବାକର ଙ୍କୁ ସୂର୍ଯ୍ୟମୁଖୀ ଚ଼ାହିଁଲା ପରି ଚ଼ାହିଁ ରହେ । ଏହାଛାଡ଼ ଶୀତୁ ପିନ୍ଧିଥିବା ରଙ୍ଗ ର ପୋଷାକ ତାକୁ ପିନ୍ଧିବାକୁ ଭାରି ଭଲ ଲାଗେ । ହଁ ଲାଗିବନି ବା କେମିତି ସେ ପରା ତା ମନର ମଣିଷ । ଯାହାକୁ ପାଇବା ପାଇଁ ଅନେକ ଥର ମହାଦେବ ଙ୍କ ଠାରେ ପ୍ରାଥନା କରେ ଶହେ ଜନ୍ମ ର ସାଥି ଟିଏ ହୋଇ ଶୀତୁ ର କାନ୍ଧ ରେ ନିଜ ମଥା ରଖି ନିଜର ସବୁ କିଛି ସମର୍ପି ଦେବା ପାଇଁ । ଏ ସବୁ ଶୀତୁ ବି ଧୀରେ ଧୀରେ ବୁଝିବାରେ ଲାଗିଥାଏ । କିନ୍ତୁ କେବେ କିଛି କୁହେନି । ଫାଲ୍ଗୁନୀ ବି ତା ମନ ର ଇଲାକା କବ୍ଜା କରିସାରିଥାଏ । ସେ ଯାହା ହେଉ ଶୀତୁ କିନ୍ତୁ କେବେ ନିଜ ଭାବନା ଙ୍କୁ ବ୍ୟକ୍ତ କରେ ନାହିଁ । ଏକ ଅବ୍ୟକ୍ତ ଭାବନା ଙ୍କୁ ମନ ତଳେ ଚ଼ାପି ରଖି ଦୁହେଁ ଦୁହିଁଙ୍କୁ ବହୁତ ଭଲପାଇବା ରେ ଲାଗିଥାନ୍ତି । ସମୟ ପରେ ସମୟ ଗଡି ଚ଼ାଲି ଥାଏ ।

ଇତିମଧ୍ୟରେ ଫାଲ୍ଗୁନୀ ର ମ୍ୟାଟ୍ରିକ ଶେଷ ହୁଏ + ୨ ରେ ପଢିବା ପାଇଁ ଫାଲ୍ଗୁନୀ କୁ ଶୀତୁ ପଢୁଥିବା କଲେଜ ରେ ମାମୁଁ ନାଁ ଲେଖାଇ ଦିଅନ୍ତି । ଯାହା ଫଳରେ ଦୁହେଁ ଏକା ସାଙ୍ଗରେ ଯିବା ଆସିବା କରି ପାରିବେ ତାଛଡା ଫାଲ୍ଗୁନୀ ସାଙ୍ଗରେ ଶୀତୁ ରହିଲେ ତାକୁ ବି କଲେଜ ରେ ଏକା ଲାଗିବନି । ସେଦିନ ପ୍ରଥମ କରି ଶୀତୁ ଫାଲ୍ଗୁନୀ କୁ ନିଜ ବାଇକ ପଛରେ ରେ ବସେଇକି କଲେଜ ନେଉଥାଏ । ବାଟରେ ଫାଲ୍ଗୁନୀ ର କୋମଳ ହାତର ଶୀତଳ ସ୍ପର୍ଶ ପାଇ ଶୀତୁ ର ଦେହ ରେ ଏକ ପ୍ରକାର ଶିହରଣ ଖେଳୁଥାଏ ସତେ ଯେମିତି ସେ ହାତରେ କିଛି ଯାଦୁ ଲୁଚ଼ି ରହିଛି । କଲେଜ ରେ ପ୍ରଥମ ଦିନ ର ପ୍ରଥମ ଅନୁଭୂତି ସାଙ୍ଗ କୁ ଶୀତୁ ବାଇକ ର ପଛ ସିଟ ଟା ବି ନିଜ ନାଁ ରେ ସବୁଦିନ ପାଇଁ କରିନେବା ରେ ଅନେକ ରଙ୍ଗୀନ ସ୍ୱପ୍ନା ତା ମନ ଭିତରେ ଅନେକ ଆଶା ସଂଚ଼ାର କରିବା ସହ ପ୍ରେମ ର ଉପତ୍ୟକା ରେ ତା ସହ ସାରା ଜୀବନ କାଟିବାକୁ ମନେ ମନେ ଅନେକ କିଛି ଭାବି ଚ଼ାଲିଥାଏ । ପ୍ରଥମ ଦିନ ର କଲେଜ ଶେଷ ହୁଏ । ଦୁହେଁ ପାହାଡି ରାସ୍ତା ଦେଇ ଘରକୁ ଫେରୁଥାନ୍ତି । ଗାଡି ଗାଡିବାରେ ଲାଗିଥାଏ । ପକ୍ଷୀ ମନେ ଗୋଧୂଳି ର ସନ୍ଧାନ ପାଇ ଆକାଶ ରେ ନିଜ ନିଜ ନୀଡ଼ କୁ ଫେରିବାକୁ ପ୍ରସ୍ତୁତ ହେଉଥାନ୍ତି । ସୁରୁଜ ଅନ୍ତପୁର ଯିବା ପାଇଁ ପ୍ରସ୍ତୁତ ପ୍ରାୟ । ବସନ୍ତ ର ମଳୟ ପବନରେ ଭାସି ଚ଼ାଲିଥାଏ ଅନେକ ମିଠା ମିଠା ଭାବନା ତଥାପି ଦୁହେଁ ଚୁପଚ଼ାପ । ଏମିତି କିଛି ବାଟ ଅତିକ୍ରମ ହେବା ପରେ ଦଇବ ର ବିଚ଼ାର ରେ ଦୁହେଁ ଫନ୍ଦି ହୁଅନ୍ତି ଭାଗ୍ୟ କୁ ମୋଟରସାଇକେଲ ଟା ବାଟରେ ଖରାପ ହୋଇଯାଏ । ଜଙ୍ଗଲୀ ରାସ୍ତା ଆଖପାଖକୁ କିଛି ଗ୍ୟାରେଜ ବି ନାହିଁ ଯାହା ହେଲେ ବି ଦୁହିଁ ଙ୍କୁ ଦୁଇ ରୁ ତିନି କିମି ରାସ୍ତା ଚ଼ାଲି ଚ଼ାଲି ଅତିକ୍ରମ କରିବାକୁ ହେବ । ବେଳ କୁ ବେଳ ରାସ୍ତା ର ଦର୍ଘ୍ୟ ଲମ୍ବା ହେଲା ପରି ମନେ ହେଉଥାଏ । ଆକାଶରେ କଳା ହାଣ୍ଡିଆ ମେଘ ସାଙ୍ଗକୁ ବିଜୁଳି ର ଚ଼କ ଚ଼କ ଆଲୁଅ କ୍ଷିପ୍ର ଗତି ରେ ଫାଲ୍ଗୁନୀ ମନ ରେ ଭୟ ସଂଚ଼ାର କରୁଥିଲେ ମଧ୍ୟ ଶୀତୁ ର ଉପସ୍ଥିତି ତାକୁ ଦମ୍ଭ ଧରି ବାଟ ଚ଼ାଲିବାରେ ସାହସ ଯୋଗାଇ ଚ଼ାଲିଥାଏ ।

ଚ଼ାହୁଁ ଚ଼ାହୁଁ କଳାହାଣ୍ଡିଆ ମେଘ ଟା ଦୁଲ ଦୁଲ କରି ମୁସଳ ଧାରା ବର୍ଷା ଆରମ୍ଭ ହୋଇଯାଏ । ବର୍ଷା ରେ ଭିଜିବା ଛଡା ଦୁହିଁ ଙ୍କ ପାଖରେ ଉପାୟ ନାହିଁ । ପାଦ ଶୀଘ୍ର ଶୀଘ୍ର ପଡୁଥାଏ । ଏଇ ସାମ୍ନାରେ ଏକ ବିଶ୍ରାମ ଗାର କାହିଁ କେଉଁକାଳରୁ ପରିତ୍ୟକ୍ତ । ବୋଧେ ଏଇ ଦୁଇ ପ୍ରେମ ପକ୍ଷୀ ଙ୍କ ଅପେକ୍ଷାରତ । ନିଜକୁ ପରିତ୍ୟକ୍ତ କୋଠରୀ ର ଅଭିଶାପ ମୁକ୍ତ କରି ଅହଲ୍ୟା ତାରଣ କରିବା ପାଇଁ ଦୁହିଁ ଙ୍କୁ ହାତ ଠାରି ଡ଼ାକିଲାଣି । ଦୁହେଁ ଡେରି ନକରି ଣିଡ଼ି ଣିଡ଼ି ବିଶ୍ରାମଗାର ଭିତରକୁ ଚ଼ାଲିଯାନ୍ତି । ଫାଲ୍ଗୁନୀ ଧଇଁ ସଇଁ ହୋଇଯାଏ । ଅଦିନିଆ ମେଘ ର ବରଷା ଟୋପା ରେ ଫାଲ୍ଗୁନୀ ର ମନ ସହ ଦେହଟା ବି ଭିଜିସାରିଥାଏ । ଫାଲ୍ଗୁନୀ ଦୁଗ୍ଧ ରଙ୍ଗ ରେ ଶରୀର ଉପରେ ଭିଜା ପୋଷାକ ଏକଦମ ଅଠା ପରି ଲାଖି ରହିବା ସହିତ ତା ଶରୀର ର କମନୀୟ ଆକୃତି ସ୍ପଷ୍ଟ ବାରି ହେବାରେ ଲାଗିଥାଏ । ଗଭୀର ନାଭି ର କୋମଳ ଆକୃତି, ଉଚ଼ଚ଼ ଉଚ଼ଚ଼ ବକ୍ଷ ସାଙ୍ଗକୁ ନାଲି ଓଠରେ ବର୍ଷା ବିନ୍ଦୁ ର ଚୁମ୍ବନ ବାରମ୍ବାର ଶୀତୁ କୁ ବିମୋହିତ କରିବା ସହିତ ଭ୍ରମର କୁ ମହୁ ଟାଣିଲା ପରି ଶୀତୁ ର ଆଖି ଦୁଇଟି ପ୍ରତିଥର ଫାଲ୍ଗୁନୀ ଆଡକୁ ଆକର୍ଷିତ ହେବାରେ ଲାଗିଥାଏ । ଫାଲ୍ଗୁନୀ ର ଦେହ ଶୀତେଇ ଯାଉଥାଏ ଶୀତୁ ର ବର୍ଷା ଭିଜା ଚ଼ଉଡା ଛାତି କୁ ସେ ଚ଼ାହିଁ କି ବି ବାରମ୍ବାର ନ ଚ଼ାହିଁବାର ଅଭିନୟ କରି ଚ଼ାଲି ଥାଏ । ଦୁଇ ପ୍ରେମ ପକ୍ଷୀ କୁ ଏକାଠି କରିବା ପାଇଁ ବୋଧେ ବିଧାତା ଆଜି ଏମିତି ମୁହୂର୍ତ୍ତ ସଜାଡି ଦେଉଛି । ଧଡ଼ ଧଡ଼ ଘଡ ଘଡି ଶବ୍ଦ ରେ ଫାଲ୍ଗୁନୀ ମନରେ ଛନକା ପଶେ । ନାରୀମନ.. କେତେବା ସହନଶୀଳ । ସେ ଦୁର୍ବଳ ହୋଇପଡେ ଆଉ ସହି ନ ପରି ଏଥର ଫାଲ୍ଗୁନୀ ଶୀତୁ ର ବିଶାଳ ବକ୍ଷ କୁ ଜୋର ରେ ଜାବୁଡି ନିଏ ।ଶୀତୁ ଚ଼ମକି ପଡେ । ଅନୁଭବ କରେ କିଛି ଉଷ୍ମତା ଶୁଣିବାକୁ ପାଏ ପ୍ରଖର ପ୍ରଶ୍ୱାସ ଏବଂ ଜୋର ରେ କମ୍ପି ଉଠୁଥିବା ହୃଦୟର କମ୍ପନ । ସେ ନିରୁପାୟ ତା କୋମଳ ଶରୀର ର ସ୍ପର୍ଶ ପାଇଁ ଶୀତୁ ବି ନିଜ ସତ୍ତା ହରାଇ ବସେ । କହିଯାଏ ନିଜ ମନ ତଳ ସେଇ ଅବ୍ୟକ୍ତ ଭାବନା । ନାରୀ ମନ କେତେ ବା ସହିବ ଫାଲ୍ଗୁନୀ ବି ସେଇ ମନ ତଳ କଥା ଏହି ଅପୂର୍ବ ମୁହୂର୍ତ୍ତ ରେ କହିଦିଏ ' ମୁଁ ତୁମକୁ ଭଲପାଏ ' ମୁଁ ତୁମକୁ ଭଲପାଏ । ଅକୁହା ଭାବନା ର ରାଇଜ ରେ ଦୁହେଁ ଦୁହିଁଙ୍କ ପ୍ରେମ ପ୍ରସ୍ତାବ ରେ ରାଜି । ଏକ ଜନ୍ମ ଜନ୍ମାନ୍ତର ର ସାଥି ଟିଏ ହେବା ପାଇଁ । ହେଲେ ଏ କାଳବୈଶାଖୀ କଣ ଏମିତି ଫେରିଯିବି..କି ? ନା । ବେଳକୁ ବେଳ ସନ୍ଧ୍ୟା ଗଡି ଯିବା ସହିତ ପାରିପାର୍ଶ୍ୱିକ ଜଳବାୟୁ ଥଣ୍ଡା ଅନୁଭୂତ ହେଉଥିଲେ ମଧ୍ୟ ବିଶ୍ରାମାଗାର ର ଚ଼ତୁର୍ପାର୍ଶ୍ୱ ଧୀରେ ଧୀରେ ଉଷୁମ ହେବାରେ ଲାଗିଥାଏ । ଏକ ପାଗଳ ମହୁମାଛି ପରି ଶୀତୁ ବାରମ୍ବାର ଫାଲ୍ଗୁନୀ ଓଠ ରୁ ମହୁ ପିଇବାକୁ ଅଧୀର ହୋଇପଡୁଥାଏ । ଏକ ଚ଼ରମ ଅନୁଭବ ଆଶାରେ ଦୁହେଁ ସେଇ ପ୍ରଣୟ ସୁଖ ଆଡକୁ ଗତି କରୁଥାନ୍ତି । ବର୍ଷା ର ତାଳେ ତାଳେ ଦେହ ର ତାପମାତ୍ରା ବଢ଼ିଚ଼ାଲିଥାଏ ।କିଟି କିଟି ଅନ୍ଧାର । ଦୁହେଁ ଏବେ ସମ୍ପୂର୍ଣ୍ଣ ନିର୍ବସ୍ତ୍ର । ସବୁ ସୁଖ ଭୋଗୀ ସାରିଲା ପରେ ଏବେ ସେଇ ଚ଼ରମ ମୁହୂର୍ତ୍ତ ରେ ଉପନୀତ ।

ବର୍ଷା ଥମି ଯାଏ ଦୁହେଁ ଫେରି ଆସନ୍ତି ବାସ୍ତବ ଦୁନିଆ ର ବାସ୍ତବତା ଭିତରକୁ । ଏକ ଅସୀମ ଲାଜ ର ଜୁଆର ବାରମ୍ବାର ଫାଲ୍ଗୁନୀ ମନ ରେ ଲହଡି ଭାଙ୍ଗୁଥାଏ । ଦୁହେଁ ଘର କୁ ଫେରିଆସନ୍ତି । ଫେରିବା ପରେ ଫାଲ୍ଗୁନୀ କୁ ରାତି ସାରା ଜମା ରୁ ନିଦ ନାହିଁ । ଶୀତୁ ପାଖରେ ସମର୍ପି ଥିବା କୁମାରୀତ୍ୱ କଥା ଭାବି ବାରମ୍ବାର କଡ଼ ଲେଉଟା ଦେଉଥାଏ । ନିଦହଜା ଆଖିରେ ଆଖିଏ ସ୍ୱପ୍ନ ତଥାପି ନିଦ ନଥାଏ । ଅନ୍ୟ ପଟେ ଶୀତୁ କୁ ବି ନିଦ ନାହିଁ ବାରମ୍ବାର ଭରୟ କ୍ଷସଶକ୍ଷସ୍ମ ର ଷ୍ମଙ୍ଗସସ୍ମମକ୍ଷ କୁ ବନ୍ଦ ଚ଼ାଲୁ କରି ଚ଼ାଲିଥାଏ ।

ଅନେକ ଦିନ ପରେ ଦିନ ବିତିଚ଼ାଲେ ଶୀତୁ ଆଉ ଫାଲ୍ଗୁନୀ ମନ ଭିତରେ ଥିବା ସମ୍ପର୍କ ଦିନ କୁ ଦିନ ନିବିଡ ରୁ ନିବିଡ଼ ତର ହେବାକୁ ଲାଗିଥାଏ । ଶୀତୁ କଲେଜ ପଢା ଶେଷ ହେବା ପରେ ପରେ ତାକୁ ଇଂଲଣ୍ଡ ରେ ଡାକ୍ତରୀ ପାଠ ପଢ଼ାଇବା ପାଇଁ ମାମୁଁ ମାଇଁ ସ୍ଥିର କରନ୍ତି । ଏକଥା ଶୁଣି ଫାଲ୍ଗୁନୀ ଖୁସି ତ ହୁଏ କିନ୍ତୁ ସାଙ୍ଗେ ସାଙ୍ଗେ ଏକ କଳା ବାଦଲ ମନ ଭିତର କୁ ଘୋଟି ଆସେ । କାରଣ ତା ଶୀତୁ ଆଉ କିଛି ଦିନ ଭିତରେ ତାକୁ ଛାଡି ଚ଼ାଲିଯିବ ପୁଣି କେବେ ଆସିବ କିଛି ଠିକ ନାହିଁ । ସେଦିନ ପାଖେଇ ଆସେ ଶୀତୁ ଯିବା ଦିନ ଫାଲ୍ଗୁନୀ ବହୁତ କାନ୍ଦେ ହେଲେ ଗଲାବେଳେ ଶୀତୁ ତାକୁ ନିଜ ବାହୁ ବନ୍ଧନ ରେ ଜାବୁଡି ରଖି ପ୍ରତି ମାସ ରେ ଚ଼ିଠି ଦେବ ବୋଲି ପ୍ରତିଶ୍ରୁତି ସହ ତାର କପାଳ ଉପରେ ପ୍ରେମ ର ପ୍ରତିଶ୍ରୁତି ସ୍ୱରୂପ ଏକ ଶୀତଳ ଚୁମ୍ବନ ଅଙ୍କିଦେଇ ଚ଼ାଲିଯାଏ । ଦିନ ଗଡି ଚ଼ାଲେ କଥାନୁଯାୟୀ ଶୀତୁ ମାସ କୁ ଥରେ କି ଦୁଇଥର ତା ପ୍ରେୟସୀ ପାଖକୁ ଚ଼ିଠି ଲେଖେ । ଫାଲ୍ଗୁନୀ ବି ଭାରି ଖୁସି ହୁଏ । ଚ଼ିଠି ତକ ତକିଆ ତଳେ ସାଇତି ରଖି ତା ଉପରେ ସୋଇ ସବୁଦିନ ସେହି ପ୍ରଥମ ଦିନ ର କୁହୁକ ନିଆଁ ଉଷ୍ମତା କୁ ପ୍ରତିଥର ମନଭରି ଉପଭୋଗ କରେ ।

କିଛି ଦିନ ବିତିଚ଼ାଲେ । ସବୁ ଥର ପରି ସେ ତାର ଶୀତୁ ପାଇଁ ଚ଼ିଠି ଲେଖି ସେଥିରେ ତା ଗୋଲାପୀ ଓଠ ମଧୁର ସ୍ପର୍ଶ ଟିଏ ଦେଇ ଶୀତୁ ର ଠିକଣା ରେ ପଠେଇଦିଏ । ବେଳେ ବେଳେ ଶୀତୁ ପଟୁ ଚ଼ିଠି ପାଇବାରେ ବିଳମ୍ବ ହୁଏ । ଚ଼ିଠି ନ ପାଇ ଫାଲ୍ଗୁନୀ ବେଳେ ବେଳେ ଅସ୍ଥିର ହୋଇପଡେ । ଧୀରେ ଧୀରେ ଗୋଟିଏ କି ଦି ଟା ଚ଼ିଠି ଯୋଉ ହସ୍ତଗତ ହେଉଥିଲା ସେତକ ବି ଫାଲ୍ଗୁନୀ ପାଖକୁ ଆଉ ଆସେନି । ଚ଼ିଠି ନ ପାଇଁ ଫାଲ୍ଗୁନୀ ଚ଼ିନ୍ତା ରେ ଦିନ କାଟିବା ସହିତ ଶୀତୁ ର ଫେରିବା ବାଟ କୁ ଚ଼ାହିଁ ଚ଼ାହିଁ ସେ ଅଖିଆ ଆପିଆ ହୋଇ ସୋଇ ରହେ । ସେ ହୃଷ୍ଟପୃଷ୍ଟ ଶରୀର ଝାଉଁଳି ଯାଏ । ଅସ୍ଥି ଉପରେ କେବଳ ଚ଼ର୍ମ ର ଛାଉଣୀ ଲାଗି ରହିଥିବା ଶରୀର ଉପରେ ଆମ୍ବବାୟୁ କୁ ଭିଡି ଶୀତୁ ର ବାଟ ଅପେକ୍ଷା କରି ରହିଥାଏ । ଶୀତୁ ଫେରେ ନାହିଁ ।

ଇତି ମଧ୍ୟରେ ଦୁଇ ବର୍ଷ ବିତିସାରିଥାଏ । ଫାଲ୍ଗୁନୀ ର କଲେଜ ପଢା ଶେଷ ହେବା ସହିତ ସେ ଗାଁ କୁ ଫେରି ଯିବା ସହିତ ମାସ କୁ ଥରେ କି ଦି ଥର ମାମୁଁ ଘର କୁ ବେଳେ ବେଳେ ବୁଲିବାକୁ ଆସେ । ଦିନେ ମାମୁଁ ଘରେ ଘର କାମ ସବୁ ସାରି ସୋଫା ଟା ଉପରେ ସେ ପତଳା ନିଦର ଆସ୍ତରଣ ବିଛେଇ ଦେଇ କିଛି କ୍ଷଣ ପାଇଁ ସୋଇ ଯାଇଥାଏ । ବାହାର ପଟୁ କଲିଂ ବେଲ ର ଶବ୍ଦ ' ଡିଂ ଡଙ୍ଗ ଡିଂ ଡଙ୍ଗ ' । ପତଳା ନିଦ ଆଖି ରୁ ଛାଡ଼ିଯାଏ । ସେଇ କୋରଡ଼ ଭିତରେ ପଶିଯାଇଥିବା ଆଖି ଦୁଇଟା ମନ୍ଥି ମନ୍ଥି ଫାଲ୍ଗୁନୀ ଯାଇ କବାଟ ଖୋଲେ ।ଦେଖେ ସାମ୍ନା ରେ ଜଣେ ଲମ୍ବା ଚ଼ଉଡା ଶରୀର ଧାରୀ ପୁରୁଷ କଳା କଳା ଲମ୍ବା ଦାଢ଼ି ହାତରେ ସୁଟକେଶ ଆଖିରେ ଚ଼ଷମା ତା ସାଂଗକୁ ଦାମୀ ଚ଼ିକ ଚ଼ିକିଆ ବୁଟ । ଉକ୍ତ ଯୁବକ ଙ୍କ ସହିତ ଆଉ ଜଣେ ବିଦେଶିନୀ ମହିଳା । ନିଦ ଛଡା ଆଖି ଦୁଇଟା ମନ୍ଥି ପକାଏ ପୁଣି ନଜର ପକାଇ ଆଣେ ଦୁହିଁ ଙ୍କ ଉପରେ । ଯୁବକ ଙ୍କ ଚେହେରା ଚ଼ିନ୍ହିଲା ପରି ମନେ ହୁଏ ହେଲେ ଯେ ମହିଳା ଜଣକ କିଏ ? ଏମିତି ଅନେକ ପ୍ରଶ୍ନ ର ଉତ୍ତର ସାଉଣ୍ଟୁ ସାଉଣ୍ଟୁ ଯୁବକ ଜଣକ କହେ ଆରେ ! ପାଗେଳୀ କଣ ମ ଚ଼ିନ୍ହି ପାରୁନୁ ମୁଁ ପା ଶୀତୁ ତୋ ଶୀତୁ ଭାଇ ! । ଆଉ ଯେ ତୋ ଷ୍ମସସ୍ପଷ୍ମରକ୍ସ ସଭ କ୍ଷବଙ୍ଗ ମାନେ ତୋ ଭାଉଜ । ଶୀତୁ ର କଥା ଶୁଣି ଫାଲ୍ଗୁନୀ ପାଦ ତଳୁ ମାଟି ଖସି ଯାଏ । ମନ ରେ ଗଭୀର ଆଘାତ ଲାଗେ ମନେ ପଡ଼ିଯାଏ ଶୀତୁ ଯିବା ଦିନ ପ୍ରତିଶ୍ରୁତି । ସେ ପୁରା କାଠ ପଡ଼ିଯାଏ । ହେଲେ ଶୀତୁ ପଛ କଥା ସବୁ କୁ ଏକ ପିଲାଳିଆମୀ ବୋଲି ଭାବି ନେଇ ଭୁଲି ଯିବାକୁ କହି ଘର ଭିତର କୁ ଚ଼ାଲିଆସେ । ଫାଲ୍ଗୁନୀ ମନ ଭିତରେ ବର୍ଷି ଚ଼ାଲେ ଅଦିନିଆ ଝଡି ବର୍ଷା । ଏକ ଅମାନିଆ ମେଘ ଟିଏ ପରି ।

ଆଉ ସେହି ଦିନ ଠୁ ଫାଲ୍ଗୁନୀ ବି ସ୍ଥିର କରି ନିଏ ଆଜୀବନ ଏମିତି ସାନ୍ୟାସିନୀ ଟିଏ ହୋଇ ରହିଯିବା ପାଇଁ । ଅବଶ୍ୟ ମାମୁଁ ମାଇଁ ବାପା ବୋଉ ବହୁତ ବୁଝା ସୁଝା କରନ୍ତି କିନ୍ତୁ ତା ଆଗରେ ସବୁ କିଛି ଫେଲ ମାରେ । ସେ କେବଳ ସେ ଦିନ କଥା ସବୁ କୁ ମନେ ପକାଇ କାନ୍ଦେ ଆଉ ବେଳେ ବେଳେ ଶୀତୁ ର ହାତ ଲେଖା ଚ଼ିଠି କୁ ପଢି ତକିଆ ଭିଜାଇ ଦିନ ରାତି କାଟି ଚ଼ାଲେ । ସେହି ଦିନ ଠାରୁ ଫାଲ୍ଗୁନୀ ଏକ ସନ୍ୟାସୀ ଜୀବନ ଜିଁବା ସହିତ ପୁରୁଣା ପ୍ରେମ ର ସ୍ମୃତି କୁ ଉପଭୋଗ କରି ଏକ ନିରାଡ଼ମ୍ବର ଜୀବନ ଟିଏ ଜିଁ ଚ଼ାଲେ ।

*ମାମୁଡିହ, ଆସିକା ଗଞ୍ଜାମ*

## ନହେଲେ ଖାଇବ ମାଡ଼

*ଶିଶିର କୁମାର ପଣ୍ଡା*



ସକାଳୁ ସକାଳୁ ଘରଣୀ ଆସିକି
କହିଲା ହଇହେ ନାଥ
ଆଉ କିଆଁ ମତେ ଭଲ ପାଉନାହଁ
ଦେହରେ ଦେଉନ ହାତ ?
ରସିକପଣିଆ କୁଆଡ ? ଗଲାକି
ଅଚ଼ାନକ ତୁମ ଚ଼ାଲି
ପ୍ରୀତିଘର ନାହିଁ ଗହଳଚ଼ହଳ
ଲାଗୁଅଛି ଖାଲି ଖାଲି ।
ଶୁଣୁଛି କୁଆଡ ? ସୁକୁଟି ଭାଉଜ
ପ୍ରେମରେ ଯାଇଛ ପଡ଼ି
ମୁଁ ହେଲି ଅଲୋଡା ବାସି ଫୁଲ ଆଉ
ସିଏ କି କଅଁଳ କ? ?
ତାହାର ଦୁଇଟା ଛୁଆ ମୁଁ ଜାଣିଛି
ମୁହଁଟା ଖାଲି ଯା’ ବାଗ
ମୋହର ମୁହଁ କି ଖରାପ କହିଲ ,
ଦେଖେଇ ପାରିବ ଦାଗ ?
ଶୋଭା ଦେଉନାହିଁ ରସିକତା ତୁମ
ଏସବୁ ଧନ୍ଦାକୁ ଛାଡ଼
ନହେଲେ ଖାଇବ ବାବୁସାନ୍ ଭଳି
ବାଟରେ ଘାଟରେ ମାଡ଼ ।

*କୁଆଁସ ,ମେରଦା କାଟିଆ ,ଯାଜପୁର*
*ଆଳାପ:୯୮୯୮୧୭୩୭୨୨୮*

## ଏଇତ ଜୀବନ

*ଆଦ୍ୟାଶା ମହାପାତ୍ର*



ଅପ୍ରତ୍ୟାଶିତ ଭାବେ
ଝଡଟିଏ ବହିଯାଏ
ମନ ଖଣ୍ଡ ବିଖଣ୍ଡିତ ହୁଏ
ଭାରି ଉଦାସୀନ ଲାଗେ
ଭାଙ୍ଗି ଚୁରମାର ହୋଇଯାଏ
ପ୍ରୀତିପଣେ ଗଢି ତୋଳିଥିବା
କିଛି ସୁନେଲି ସପନ
ସତେକି ଆକ୍ତାମାକ୍ତା ଜୀବନ... !
ସବୁ ଥାଇ କିଛି ବି ନଥାଏ
ମଉଳା ପଳାଶ ଫୁଲଟେ ପରି
ନିହାତି ଅଲୋଡା
ଭୂଲୁଣ୍ଠିତ ନିଜ ଅଗୋଚ଼ରେ
ଶୂନ୍ୟତାରେ ଭରିଯାଏ ହୃଦୟ
ସତେ ବଡ଼ ଦୁର୍ବିସହ
ଆହା ରେ ଜୀବନ.... !!
କାନ୍ଦିଲେ ତ ଲୁହ ଝରେ
ହସିଲେ ବି ଲୁହ ଝରେ
ନା ମୁଁ ଶୋଇପାରେ
ନା ମୁଁ ଚେଇଁପାରେ
ନା ମୁଁ ମରିପାରେ
ନା ମୁଁ ଜୀଇଁପାରେ
ନଈ ର ଦୁଇ କୂଳ ଛୁଏଁ,
ଗୋଟେ ପଟେ ମୁଁ
ଆରପଟେ ମୋ ଜୀବନ... !!!

*ନୂଆପଡା, କଟକ*

## ମେଘ ମନସ୍କ

*ରତ୍ନକାନ୍ତି ମିଶ୍ର*



ମେଘ
ପକ୍ଷୀରାଜ ଘୋଡ଼ା ପରି
ଉଡେ ପବନରେ
ଲୁଚ଼କାଳି ଖେଳୁଥାଏ
ଛାଇ ଆଲୁଅରେ
ମେଘ
କେବେ ଅବା ଦୋଳି ଖେଳେ
ଶିଆଳି ଲଟାରେ
କେବେ ପୁଣି ଝୁଲୁଥାଏ
କେଳି କଦମ୍ବର
ଶାଖାରେ ଶାଖାରେ
ମେଘ
ଫୁଲେଇ ଝିଅଟି ପରି
ବେଳେ ବେଳେ ଭାରି ଅମାନିଆ
ଦେଖିବାକୁ ପ୍ରକୃତିର କମନୀୟ ରୂପ
ଘୁରି ବୁଲେ ଆକାଶ ଛାତିରେ
ମେଘ
କେବେ ପୁଣି ଭାରି ଆନମନା
କାହା ସାଥେ ତା’ର ଭାବ
ବୁଝି ବି ହୁଏନା
ଗୀତ ଗାଏ ବସି ନିରୋଳାରେ
ପାହାଡ ସେପଟ ମାଣ୍ଡିଆ କ୍ଷେତରେ
ମେଘ
ଚୁପି ଚୁପି ଆସେ କେବେ
କଳାମେଘୀ ପାଟ ଅବଗୁଣ୍ଠନରେ
ନିଜ ଛବି ଦେଖୁଥାଏ
ଆମ ଗାଁ ପାଖ ନଈ
ସ୍ୱଚ୍ଛ ଦର୍ପଣରେ, ଆଳି,କେନ୍ଦ୍ରାପଡା

## ପରିପୂରକ

*ନିରଞ୍ଜନ ସାହୁ*



ତୁମ୍ଭେ ସ୍ୱପ୍ନଭରା ନିଦଟିଏ ହେଲେ
ମୁହିଁ ପରା ଜହ୍ନ ରାତି
ତୁମେ ରିମଝିମ ବରଷା ହେଲେ ମୁଁ
ତୁମ ଭିଜା ଦେହ ତାତି ।
ତୁମେ ସଜଫୁଟା ମଲ୍ଲୀ ଫୁଲ ହେଲେ
ମହକ ଅଟେ ମୁଁ ତା’ର
ତୁମେ ସିମନ୍ତିନୀ ବୋଲାଉଥିଲେ ମୁଁ
ସିମନ୍ତ ସିନ୍ଦୁର ଗାର ।
ତୁମେ ସରସୀର କୁମୁଦିନୀ ହେଲେ
ମୁଁ ଯେ ସରଗର ଶଶୀ
ତୁମ୍ଭେ ବିରହିଣୀ ପାଲଟି ଥିଲେ ଗୋ
ମୁହିଁ ପରା ପରଦେଶୀ ।
ତୁମେ କବିତାର ନାୟିକା ହେଲେ ମୁଁ
ସେହି କବିତାର କବି
ଆମେ ଦୁହେଁ ଏତେ ପରିପୂରକ ଯେ
ଜାଣିପାରେ ଅନୁଭବି ।

*ନିହଲ ପ୍ରସାଦ , ଗଁଦିଆ ପାଟଣା*
*ଢେଙ୍କାନାଳ - ୭୫୯୦୧୬*
*ମୋ : ୯୯୩୮୭୪୧୫୮୩*

## ବର୍ଷା ବେଦନାର କୋହ

*ଅନସୂୟା ପଣ୍ଡା*



କାଚ଼ ଝରକାରୁ ବର୍ଷା ଖୁବ୍ ସୁନ୍ଦର ଥିଲା
ପ୍ରାଚୁର୍ଯ୍ୟର ପାନ୍ଥଶାଳାରେ
ତୁଳିତର୍ପ ଶେଯରେ ମଖମଲି
ଭାବାବେଗରେ
ହାତୀଦାନ୍ତ ପଲଙ୍କରେ
ସ୍ୱଚ୍ଛନ୍ଦତାର ବୁଲେଟରେ
ଆଭିଜାତ୍ୟର ଯାନରେ।

ଗରମ ପକୁଡିରେ ଚ଼ିକେନ ସୁପରେ
ଗୋଟେ ପେଗ୍ ରମରେ
ବାଲକୋନୀର ଝୁଲନ୍ତା ସୋଫାରେ
କପେ ଗରମ କଫିରେ କି ଚ଼ାହାରେ।

କଳ୍ପନାର ଉର୍ମି ମନର ବେଳା ଭୂମିରେ
ସ୍ମୃତିର ଭେଲଭେଟ୍ ଚ଼ଦର ଦେହରେ
ମୌସୁମୀ ରାଣୀ ବର୍ଷା ଚୁମ୍ବନ
ତୋଳୁଥିଲା
ଉନ୍ମାଦନାର ସମ୍ମ ?ହନରେ।

ସେଇବର୍ଷା ଖୁବ୍ କର୍ଦ୍ଦମାକ୍ତ ପିଚ଼ିଛିଳ
ପଥରେ
ଦାରିଦ୍ର୍ୟର ଦେହଳୀରେ, ଯାତନାର
ଛାୟାରେ
ଅସାମର୍ଥ୍ୟର ଝୁମ୍ପୁଡିରେ,ବସ୍ତିରେ
କଳାବାଦଲ ପରି ଅନ୍ଧାରୁଆ ଚ଼ିନ୍ତା
ଗୁଡେ
ଘନେଇ ଆସେ ଚ଼ତୁର୍ମାସିଆର
ଆଗମନରେ।

ପାଣି ଗଳିବାର ଡରରେ
କାନ୍ଥ ଭୁଷୁଡିବାର ଆଶଙ୍କାରେ
ବର୍ଷା ପାଣି ଘରେ ପଶି ତାଣ୍ଡବ
ରଚ଼ିବାରେ
ଜଳଗର୍ଭା ପଥଘାଟ ବ୍ୟତିବ୍ୟସ୍ତ ମନକୁ
କରେ
ଚ଼ିନ୍ତା ବ୍ୟଗ୍ରତା ବେଦନାର କୋହରେ।

କଳା ଜରି ଖଣ୍ଡେ ଆବୋରି ନିଏ
ପାଣି ଛିଟାକୁ ଆକଟ କରିବାକୁ
ପ୍ରକୃତିର ନାୟିକା ବର୍ଷାର କୋପକୁ
ରାତି ଅତିଷ୍ଠ ଲାଗେ ଭୋକ ପେଟରେ
ଚୂଲି ଜଳି ପାରେନି ଜାଳ ସହ ଥରୁଥାଏ
ଓଦାରେ।

*ବୁର୍ଲା, ସମ୍ବଲପୁର*
*ମୋ:-୯୪୩୯୨୧୧୯୭୧*

## ସଞ୍ଜ ହୋଇଲେ ଆମ ଗାଆଁ ରେ

*ସୁଧାକର ରାଉତ*



ବେଳ ରତରତ ହେଲାଣି
ସୂର୍ଯ୍ୟ ଯାଆନ୍ତି ବୁଡ଼ି
ପଶ୍ଚିମା କାଶେ ନାଲି ରଙ୍ଗ
କିଏ ଦେଲା ଅଜାଡି ।
ନୀଡ କୁ ଫେରନ୍ତି ହରଷେ
କାହିଁ କେତେ ବିହଙ୍ଗ
ଗୋପାଳ ଲେଉଟେ ଗୃହକୁ
ଧରି ଗୋଧନ ସଙ୍ଗ ।
ଧିରେ ଧିରେ ଅନ୍ଧକାର ରେ
ଲୁଚେ ଗାଆଁଟି ସାରା
ସଞ୍ଜବତୀ ଚ଼ଉରା ମୂଳେ
ଦିଅନ୍ତି ମାଆ ପରା ।
ସଂସାର ସୁଖ ମନାସିବା
ତାଙ୍କ ପରମ ଧର୍ମ
ନିଜ କଥା ପାଶୋରି ମନୁ
କରନ୍ତି ତାଙ୍କ କର୍ମ ।
ଗାଆଁ ଶେଷ ମୁଣ୍ଡ ମନ୍ଦିରେ
ହୁଏ ସନ୍ଧ୍ୟା ଆଳତି
ନିଜର ଗୁହାରୀ ଜଣାନ୍ତି
ତହିଁ ସଭିଏଁ ନିତି ।
ଭାଗବତ ଟୁଙ୍ଗୀ ଚ଼ାଳିଆ
ଘରେ ମନୁଆ ନନା
ଭାଗବତ ପଢି ବୁଝାନ୍ତି
ନ ହୋଇ ଆନମନା ।
ଖେଳା ଖେଳି ସାରି ପିଲାଏ
ଘରକୁ ଫେରି ଆସି
ଧୋଇ ଧାଇ ହୋଇ ଖୁସିରେ
ପଢ଼ନ୍ତି ପାଠ ବସି ।
ପରଦିନ ଯା’ ପଢ଼ା ହେବ
ଆଗରୁ ତା’କୁ ପଢି
ନିଜକୁ ପ୍ରସ୍ତୁତ କରନ୍ତି
ଯିବାକୁ ଆଗେ ବଢି ।
କୁନା ମୁନା ଯେତେକ ପିଲା
ଧରିବା ଆଗୁ ଶେଯ
ଜେଜେ କହନ୍ତି ହେ ପିଲାଏ
ବିଭୂଙ୍କୁ ଥରେ ହେଜ ।
ତାଙ୍କର ସୁଦୟା ହୋଇଲେ
ଆମର ନିତି ଦିନ
ସୁଖରେ ନିଶ୍ଚୟ କଟିବ
ଏଥିରେ ନାହିଁ ଆନ ।

*ପ୍ରତାପ ନଗରୀ,କଟକ*
*ମୋ-୮୨୪୯୯୩୨୭୯୨*

# ଜଳିଆର ଦୁର୍ଦ୍ଦଶା

ରୋଗୀର ନାମ - ଜଳିଆ ମହାନ୍ତି
ବୟସ - ଅଠେଇସି
ରୋଗ - ବାହାଘର ନାଁ ଶୁଣିଲେ ବାଉଇବାକୁ ଗୋଡ଼ଇବା..
ଇଏ ଗୋଟେ ରୋଗ !
ଡାକ୍ତର ବାବୁ ଶୁଣି ବୋକା ପାଲଟିଗଲେ ।
ତାଙ୍କ ଚ଼ାକିରୀ କାଳ ଭିତରେ ଏମିତି ରୋଗୀ ସେ ଦେଖି ନଥିଲେ ।
ଜଳିଆ ଉଠି ପଳେଇବ ବୋଲି ଭିଡି ଓଟାରି ହେଉଥାଏ । ଡାକ୍ତର ବାବୁ କହିଲେ ତାକୁ ବାହାରକୁ ନିଅ । ତା ସାଙ୍ଗରେ ଯିଏ ଆସିଛ ଜଣେ ରୁହ ଏଠି କ୍ଷ ସିନିଆ ଏକା ରହିଲା ଡାକ୍ତର ବାବୁଙ୍କ ପାଖରେ । ଟିକଟ ଅନଲାଇନରେ କଟା ହେଇଚ଼ି । ରୋଗୀ ସମ୍ପୂର୍ଣ୍ଣ ଫେରେଇ ଦେଲେ ବୋଧେ ଡାକ୍ତରଙ୍କ ବେଳା ଖରାପ ପଡ଼ିବ ! ରୋଗୀ ଆଉ ତା ସାଙ୍ଗରେ ଆସିଥିବା ତିନି ଜଣଙ୍କ ହାବ ଭାବରୁ ଜାଣି ସାରିଲେଣି ଡାକ୍ତର ବାବୁ ।
- ତମ ନାଁ କଣ ?
- ଆଜ୍ଞା ମୁଁ ଜଳିଆ ସାଙ୍ଗ । ସିନିଆ କ୍ଷ ଆମେ ସବୁ ତା ସାଙ୍ଗ । ଜଣେ କହିଲା ରଥ ବାବୁ ଭଲ ମେଂଟାଲିଆ ଡାକ୍ତର । ସେଥିପାଇଁ ଆସିଛୁ ।
ଡାକ୍ତର ବାବୁ ହସିବେ କି କାନ୍ଦିବେ ଜାଣି ପାରିଲେନି ।
ବିରକ୍ତି ପ୍ରକାଶ କଲେ ।
- ତମକୁ ଯଦି ଭଲ ଇଂରାଜୀ ଆସିନି ଓଡ଼ିଆରେ କୁହ । ମୁଁ ଜଣେ ମନସ୍ତତ୍ତ୍ୱ ବିଭାଗ ଡାକ୍ତର କ୍ଷ ଆଚ୍ଛା ତମ ସାଙ୍ଗ ପେଷା କଣ ? କି କାମ କରୁଛି ସେ ?
- ନାଇଁ ଆଜ୍ଞା, ବାହାରେ ଥିଲୁ ସବୁ କ୍ଷ ସୁରଟରେ । ଯେତେବେଳେ ଲକ ଡାଉନ ହେଲା ସେବେଠୁଁ ଗାଁରେ ସବୁ କ୍ଷ ବାହାରେ ଯାଇଁ କାହିଁକି ଖଟିବୁ ? ଟଙ୍କାକରେ ଚ଼ାଉଳ ମିଳି ଯାଉଛି । ମିସ୍ତ୍ରୀ କାମ ବେଳେବେଳେ କରି ନିଶାପାଣି ଖର୍ଚ୍ଚ ଉଠେଇ ଦେଉଛୁ ।
- ସେ ମୋବାଇଲ ବହୁତ ସମୟ ଦେଖେ କି ?
- କି କଥା ଆଜ୍ଞା । ମୋବାଇଲ ଧରୁ ନଥିବା ପିଲା ସଂସାରେ ଅଛନ୍ତି ଆଉ ? କାମ ନଥିବା ଦିନ ନଈ ବନ୍ଧ ବରଗଛ ତଳେ ଦିନରାତି ପିଲାଙ୍କ ଭିଡ ।
ଡାକ୍ତର ବାବୁ ଅଳ୍ପ କିଛି ନିଦ ବଟିକା ଦେଇ ମୋବାଇଲ ଅଧିକ ନ ଦେଖିବା ପାଇଁ ପରାମର୍ଶ ଦେଇ ଛାଡିଦେଲେ ।

ଘରକୁ ଫେରିଲା ଜଳିଆ । ଜଗୁ ପଚ଼ାରିଲା - ଆରେ ସିନିଆ, କଣ କହିଲେ ଡାକ୍ତର ବାବୁ ?
- ଇଏ ଅତି ମୋବାଇଲ ଦେଖିବାର ଫଳ, ଟିଭିରେ ଯେତେ ସବୁ ଖବର ଖସିଯାଏ ସବୁ ଧରା ପଡ଼ିଯାଏ ମୋବାଇଲରେ । ଏଇ ଯେମିତି ଦେଢ଼ଶୁର ସହ ଭାଇ ବୋହୂ ଫେରାର, ବିଦେଶରେ ରହୁଥିବା ସ୍ୱାମୀର ସ୍ତ୍ରୀ ଧରମ ପୁଅକୁ ବାହାହେବାକୁ ଜିଦି, ଫେରେସ୍ତର ସ୍ୱାମୀକୁ ପୋଡ଼ି ମାରିଲା ସ୍ତ୍ରୀ, ଚ଼ଉଠି ରାତିରେ ଭିଣୋଇ ସହ ଶାଳୀର ଲୁଗା ପିନ୍ଧି ନଥିବା କଲ, ଅଧିକାର ପାଇଁ ଡାକ୍ତର ସ୍ୱାମୀ ଘର ଆଗରେ ସ୍ତ୍ରୀର ଧାରଣା ଇତ୍ୟାଦି । ଏ ସବୁ ଖବର ଦେଖି ଦେଖି ସେ ଭୟ ପାଇ ଯାଇଚ଼ି । ସେଥିପାଇଁ ବାହା ହେବାକୁ ଅମଙ୍ଗ ହେଉଛି । ତାଠୁଁ କିଛି ଦିନ ମୋବାଇଲ ଦୂରରେ ଦେଖିଲେ ସେ ଆଉ ପୁରୁଷ ଅତ୍ୟାଚ଼ାର କାହାଣୀ ଦେଖି ପାରିବନି ଆଉ ମନ ବଦଳିଲେ ସଙ୍ଗେ ସଙ୍ଗେ ବାହା କରିଦେବା ।ଜଗା ବୁଢ଼ା ମନକୁ କଥାଟା ପାଇଛି । ଡାକ୍ତର ବାବୁ ଉଚ଼ିତ କଥା କହିଛନ୍ତି ।
ହେଲେ ଏମିତି କା ଝିଅ ପିଲା କୋଉଠି ମିଳିବେ ? ବାହାଘର ବେଳେ ଗୋଟେ ପ୍ରକାର ପୁଣି ତିନି ଚ଼ାରିଟା ଦିନ ପରେ ଆଉ ଗୋଟେ ପ୍ରକାର.. ଓ
ଦଣ୍ଡେଇ ବୁଢ଼ୀ ଆସି ଠିଆ ହେଲା କ୍ଷ ହଇରେ ଜଗା । ଆମ ଠୁକେଇ ଝିଅ



ଜିନା କଣ ଅନିକ ଦେଖିବାକୁ କ୍ଷ ତାକୁ କର କ୍ଷ ନାତୁଣୀଟା ମୋ ମୁହଁ ଆଗଛମା ରହିବ
ଚ଼ିହିଁକି ଉଠିଲା ଜଳିଆ ।
- ଯଦି ରାତିରେ ଉଠି ଭିଣେଇ ସହ ଭିଡିଓ କଲ କଲା ?
ବୁଢ଼ୀ କିଛି ବୁଝି ପାରିଲାନି !
- ଆରେ ଇଏ କଣ କହୁଛି ? ଇଏ ତ ବଡ଼ ନାତୁଣୀ ତା ଭିଣେଇ ଆସିବ କୁଆଡୁ ? କି ଅଭିଆଣ କଥା ?
ସିନିଆ କହିଲା - ଆଲୋ କାହାକୁ ଯଦି ଭଲ ପାଉଥିବ ତା ସହ ରାତିରେ ମୋବାଇଲରେ ଦେଖା ଦେଖି ହେଇଯିବ ।
- ଛିଃ ଛିଃ.. ଇଏ କି କଥା । ମୋ ନାତୁଣୀ ଗତ ବର୍ଷ ରଜକୁ ଆସିଥିଲା । ଦେଖିନୁ କେଡ଼ିକି ଟିକିଏ ଫୋନ.. ସେଇଟା କଣ ଦରପଣ ହେଇଚ଼ି ଯେ ମୁହଁ ଦେଖିଦେବ..
ବୁଢ଼ୀ ମୁହଁ ମୋଡି ଚ଼ାଲିଗଲା ।
ଏବେ ଜଳିଆ ମୁହଁ ଖୋଲିଲା । କୋର୍ଟ ଠିକ କହିଥିଲେ । ପୁଅକୁ ପୁଅ ଆଉ ଝିଅକୁ ଝିଅ ବାହା ହେଇ ପାରିବ ଆଇ ଦେଶରେ ଅଛି । ଝିଅ ପିଲାକୁ ବାହା ହେଲେ ସିନା ଟେନସନ.. ନହେଲେ ନିଜକୁ ବାହା ହେଇ ଯିବି..
ଦାଣ୍ଡରେ ଯେତେ ଲୋକ ଥିଲେ ହସିଲେ।
ଜଣେ କିଏ କହିଲା ଜଳିଆ ଟା ପାଗଳା ହେଇ ଗଲାଣି ବହୁତ ଫୋନ ଦେଖି ଦେଖି । ପୁଅ ହେଇ ପୁଅକୁ ବାହା ହେବ ନହେଲେ ପୁଣି ନିଜକୁ ବାହା ହେବ କହିଲାଣି...
ସିନିଆ କହିଲା ଜଗା ବାଲି ସିମଣ୍ଟ କାମ କରୁଛି ବୋଲି ତାକୁ କମ ଭାବନି କ୍ଷ ଏବେ ପା ଗୁଜୁରାଟରେ ଜଣେ ଝିଅ ନିଜକୁ ବାହା ହେବାକୁ ଘୋଷଣା କରିଛି । ତା ବାପା ମା ବି ରାଜି ।
ଜଗା ବୁଢ଼ା ବିରକ୍ତ ହେଲା. ।
- ଆରେ ଇଏ କି ସବୁ କଥା କହୁଛ.. ମୋ ବଂଶ ବୁଡିଯିବରେ ଜଳିଆ କ୍ଷ କୁଳରେ ପାଣି ଦେବାକୁ କେହି ରହିବେନି କ୍ଷ ଆରେ ଦେଶରେ ହଜାର ହଜାର ଝିଅ । ଦି ଚ଼ାରିଜଣ ଖରାପ ହେଲେ ବୋଲି ସମସ୍ତଙ୍କୁ ଛୋଟ ଭାବେନି କ୍ଷ ତୋର ବି ଦି ଟା ଭଉଣୀ ବାହାହେଇ ସୁଖରେ ସଂସାରକରି ରହିଛନ୍ତି ।....
ସିନିଆ ମଝିରେ ଅଟକେଇଲା ।
- ଯାଇଁଲ ଦଦା ଖୋଲଣା ଭଲ ଝିଅ, ଆର ସାଇ ଚ଼ତୁରା ନାହାକ ଝିଅ । ତାର ଭି । ଇ ନାହିଁ । ବଡ଼ ଫୋନ ନାହିଁ । ସିଏ ବି କାହାକୁ ଭଲ ପାଉନି । ଦେଖିବାକୁ ବେଶି ଗୋରୀ ନୁହଁ । ସାବେନି । ଜଳିଆକୁ ମାନିବ ଠିକ । କଣ କିରେ ଜଳିଆ କହୁନୁ..
ଜଳିଆ ମୁର୍କୀ ହସିଲା । ତା ମନକୁ ବୋଧେ ପ୍ରସ୍ତାବଟା ପାଇଛି ।
ଜଗା ବୁଢ଼ା ମନ ଖୁସି ଜଣା ପଡୁଥିଲା । ଏତେ ଶୀଘ୍ର ଟୋକା ଟା ରାଜି ହେଇଯିବ ବୋଲି ତା କଳ୍ପନା ବାହାରେ ଥିଲା । ଯେନ ତେନ ପ୍ରକାରେ ହେଉ ଚ଼ତୁରା ନାହାକ ଗୋଡ଼ ଧରିବାକୁ ମାନସିକ କରି ପାଦ ବଢ଼ିଢ଼ଇଲା ଜଗ।

*ମକୁନ୍ଦ ପୁର, ବାଙ୍କୀ*
*ମୋ ୯୪୩୭୪୬୮୦୧୬*




## ଆଡହକ ଅତିରିକ୍ତ ଜିଲ୍ଲାଜଜଙ୍କ କୋର୍ଟରେ ନାବାଳିକା ଦୁଷ୍କର୍ମ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡାଦେଶ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଫାଷ୍ଟଟ୍ରାକ୍ ଆଡହକ ଅତିରିକ୍ତ ଜିଲ୍ଲାଦୌରାଜଜଙ୍କ କୋର୍ଟ ଜଣେ ନାବାଳିକା ଦୁଷ୍କର୍ମ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡାଦେଶରେ ଦଣ୍ଡିତ କରିଥିବା ଜଣାପଡିଛି। କେନ୍ଦ୍ରାପଡା ଫାଷ୍ଟଟ୍ରାକ୍ ଆଡହକ ଅତିରିକ୍ତ ଜିଲ୍ଲାଦୌରାଜଜ ତ୍ରିବିକ୍ରମ କେଶରୀ ଚିନାରା ଏକ ୧୨ବର୍ଷରୁ କମ ବୟସର ନାବାଳିକାଙ୍କୁ ଅସଦାଚରଣ ଓ ଦୁଷ୍କର୍ମ କରିବା ଅଭିଯୋଗରେ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଜାଗୁଲେଇପଡା ଗ୍ରାମର ଜଗନ୍ନାଥ ବେହେରାଙ୍କ ପୁଅ ଅଭିଯୁକ୍ତ ଦିଲ୍ଲିପ କୁମାର ବେହେରା ଓରଫ ଦିଲିଆକୁ ୨୦ବର୍ଷ ଜେଲଦଣ୍ଡ ସମେତ ୨୦ହଜାର ଟଙ୍କାର ଜୋରିମାନାରେ ଦଣ୍ଡିତ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଗତ ୨୦୧୮ମସିହା ଜୁଲାଇମାସ ୧୯ତାରିଖ ସନ୍ଧ୍ୟାରେ ପିଡିତା ନାବାଳିକା ତା'ର ମାଉସୀ ଓ ସମ୍ପର୍କୀୟ ଜଣେ ଭାଇ ଏବଂ ଭଉଣୀ ସହିତ ଇଛାପୁରସ୍ଥିତ ଶ୍ରୀବଳଦେବଜୀୟୁଙ୍କ ମାଉସୀ ମା' ମନ୍ଦିର ନିକଟକୁ ରଥଯାତ୍ରା ଦେଖିବାକୁ ଆସିଥିଲା। ପିଡିତାଙ୍କ ମାଉସୀ ମନ୍ଦିରରେ ଶ୍ରୀଜୀୟୁଙ୍କୁ ଦର୍ଶନ କରିବା ପରେ ମନ୍ଦିର ସମ୍ମୁଖରେ ଭଜନ ସମାରୋହ ଦେଖୁଥିବା ବେଳେ ପିଡିତା ଏବଂ ତାଙ୍କର ସମ୍ପର୍କୀୟ ଭାଇ ଓ ଭଉଣୀ ୨ଜଣଙ୍କ ସହିତ ଶ୍ରୀଜୀଉଙ୍କ ରଥ ନିକଟରେ ଖେଳୁଥିଲେ। ଠିକ ସେହି ସମୟରେ ଅଭିଯୁକ୍ତ ଜଣଙ୍କ ସେଠାରେ ପହଞ୍ଚି ପିଡିତା ନାବାଳିକା ଜଣଙ୍କୁ ତାଙ୍କ ନାମ ଓ ଗ୍ରାମର ନାମ ପଚାରିଥିଲେ। ଏଥିସହିତ ପିଡିତା ନାବାଳିକା ଜଣଙ୍କୁ ସେହି ରଥ ତଳେ ଥିବା ଏକ ଅନ୍ଧାର ସ୍ଥାନକୁ ନେଇଯାଇ ତାଙ୍କୁ ଅସଦ ବ୍ୟବହାର କରିବା ସହ ତାଙ୍କ ସହିତ ଦୁଷ୍କର୍ମ କରିଥିଲେ। ନାବାଳିକା ଜଣଙ୍କ ତାହାର ବିରୋଧ କରିବା ସହ କାନ୍ଦିଥିଲେ। ପରେ ସଂପୃକ୍ତ ନାବାଳିକା ଜଣଙ୍କ ମାଉସୀଙ୍କ ନିକଟକୁ ଯାଇ ଏସମ୍ପର୍କରେ ତାଙ୍କ ମାଉସୀଙ୍କ ଆଗରେ ସମସ୍ତ ବିଷୟ କହିଥିଲେ। ପିଡିତାଙ୍କ ମାଉସୀ ରଥ ନିକଟରେ ଦାୟୀତ୍ୱରେ ଥିବା ପୋଲିସକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ପିଡିତା ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିବା ବେଳେ ତାଙ୍କ ମାଉସୀଙ୍କ ଅଭିଯୋଗ କ୍ରମେ କେନ୍ଦ୍ରାପଡା ଟାଉନ ଥାନା ପୋଲିସ ଅଭିଯୁକ୍ତ ଜଣଙ୍କୁ ଆଣି ଥାନାରେ ଅଟକ ରଖିଥିଲେ। ପରେ ଏକ ଅସଦାଚରଣ ଓ ଦୁଷ୍କର୍ମ ମାମଲା ଥାନାରେ ଦାୟର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହି ଘଟଣାର ବିଚାର କରି କେନ୍ଦ୍ରାପଡା ଫାଷ୍ଟଟ୍ରାକ୍ ଆଡହକ ଅତିରିକ୍ତ ଜିଲ୍ଲାଦୌରାଜଜ ତ୍ରିବିକ୍ରମ କେଶରୀ ଚିନାରା ଅଭିଯୁକ୍ତ ଦିଲ୍ଲିପ କୁମାର ବେହେରାଙ୍କୁ ଆଇପିସିର ୩୫୪ଦଫାରେ ୫ବର୍ଷ ଜେଲଦଣ୍ଡ ସହିତ ୫ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅତିରିକ୍ତ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡିବ। ସେହିପରି ୩୫୪-(କ)ଦଫାରେ ୩ବର୍ଷ ଜେଲଦଣ୍ଡ ସହିତ ୩ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଥିବା ବେଳେ ଜୋରିମାନା ଅନାଦେୟ ଅଧିକ ୩ମାସ ଜେଲଦଣ୍ଡ ଭୋଗିବାକୁ ପଡିବ। ୩୭୬-(କଖ)ଦଫାରେ ୨୦ବର୍ଷ ଜେଲଦଣ୍ଡ ସହିତ ୨୦ହଜାର ଟଙ୍କାର ଜୋରିମାନାରେ ଦଣ୍ଡିତ କରିବା ସହ ଜୋରିମାନା ଅନାଦେୟ ଅଧିକ ଏକବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟଙ୍କ ରାୟରେ ଉଲ୍ଲେଖ ରହିଛି। ଏହି ଦଣ୍ଡଗୁଡିକ କ୍ରମାନ୍ୱୟରେ ଲାଗୁହେବ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମନୋଜ କୁମାର ସାହୁ କୋର୍ଟରେ ମାମଲା ପରିଚାଳନା କରୁଥିଲେ।

## ନାଲିମୁହାଁ ମାଙ୍କଡ କାମୁଡ଼ାରେ ୩ ଆହତ

ଚଣ୍ଡିଖୋଲ (ପିଏନ୍)- ବଡ଼ଚଣା ବ୍ଲକ କୁନ୍ଦଲ ପଂଚାୟତର ହରିପୁର ଗ୍ରାମରେ ଏକ ପାତି ମାଙ୍କଡ କାମୁଡ଼ାରେ ତିନିଜଣ ଆହତ ହୋଇଥିବା ଜଣାଯାଇଛି। ମାଙ୍କଡ଼ଟି ଦୀର୍ଘଦିନ ହେବ ଗ୍ରାମକୁ ଗ୍ରାମ ବୁଲି ଲୋକମାନଙ୍କୁ ଆହତ କରୁଥିଲା। କୁଳହରିପୁର ଗ୍ରାମର ଅନନ୍ତ ମହାରଣାଙ୍କ ନାତି ବାବୁକୁ ମାଙ୍କଡଟି ତାର ଗାଲ ଓ ହାତକୁ କାମୁଡ଼ି ଦେଇଥିଲା। ଫଳରେ ପରିବାର ଲୋକମାନେ ତାକୁ ୧୦୮ ଆମ୍ବୁଲାନ୍ସରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଇଥିଲେ। ସେଠାରୁ ଡାକ୍ତର ତାଙ୍କୁ କଟକ ବଡ ମେଡିକାଲକୁ ପଠାଇଦେଇଥିଲେ। ସେହିପରି ଭରତ ମଲିକଙ୍କ ପୁଅ ଓ ଦାସ ସାହିର ଏକ ଝିଅକୁ ମାଙ୍କଡଟି କାମୁଡି ଆହତ କରିଦେଇଥିଲା। ଗ୍ରାମର କିଛି ଲୋକ ଚଣ୍ଡିଖୋଲ ବନ ବିଭାଗକୁ ଖବର ଦେବା ପରେ ବନପାଳ ଶଶୀକାନ୍ତ ବେହେରାଙ୍କ ନିର୍ଦ୍ଦେଶରେ କର୍ମଚାରୀ ମାନେ ଗ୍ରାମରେ ପହଂଚି ମାଙ୍କଡଟିକୁ ଧରିବାକୁ ଚେଷ୍ଟା କରିଥିଲେ ମଧ ସନ୍ଧ୍ୟା ପର୍ଯ୍ୟନ୍ତ ମାଙ୍କଡଟିକୁ ଧରିପାରି ନ ଥିଲେ। ମାଙ୍କଡଟି ଛୋଟ ପିଲାଙ୍କୁ ଆକ୍ରମଣ କରୁଥିବା ଦେଖାଯାଇଛି। ବନ ବିଭାଗ ଏହାକୁ ଗୁରୁତ୍ୱର ସହ ନେଇ ମାଙ୍କଡଟିକୁ ଧରିବାକୁ ସମାଜସେବୀ ସୁରେନ୍ଦ୍ର ନାଥ ସାମଲ, ପୂର୍ବତନ ସମିତି ସଭ୍ୟ ଅନନ୍ତ କିଶୋର ଜେନା, ପୂର୍ବତନ ସରପଂଚ ଗୋବିନ୍ଦ ସାମଲ, ସରପଂଚ ପ୍ରମିତା ରାଉତ, ଭୀମସେନ ସାମଲ ପ୍ରମୁଖ ଦାବି କରିଛନ୍ତି।

## ତିନିଦିନ ଧରି ଲଗାଣ ବର୍ଷା ଆଶଙ୍କା

ବାଲେଶ୍ୱର (ପିଏନ୍)-ପୁଣି ଲଘୁଚାପ ସୃଷ୍ଟି ଯୋଗୁ ବାଲେଶ୍ୱର ଓ ମୟୂରଭଞ୍ଜରେ ୩ ଦିନ ଧରି ଲଗାତାର ଭାବେ ପ୍ରବଳ ବର୍ଷା ହେବାର ଆଶଙ୍କା ଥିବାରୁ ଜଲ୍ଲା ପ୍ରଶାସନ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି। ପର୍ଯ୍ୟଟକ ମାନଙ୍କୁ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଚାନ୍ଦିପୁର, କଶାଫଳ, ତାଳସାରି, ଡଗରା ଓ ପଞ୍ଚଲିଙ୍ଗେଶ୍ୱରକୁ ନ ଯିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏଥିପାଇଁ ଏକ ଜରୁରୀକାଳୀନ କେନ୍ଦ୍ର ଖୋଲାଯାଇଛି।

## ଓଡ଼ିଆ ଭାଷାରେ ପ୍ରଶାସନ ନ ଚାଲିବା ଓଡ଼ିଆ ଭାଷା ପ୍ରତି ବିପଦ

ଖୋର୍ଦ୍ଧା (ପିଏନ୍): ଜରିପୁଟ ସ୍ଥିତ ମଙ୍ଗଳା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ୧୮ ଓ ୧୯ ତାରିଖ ଦୁଇ ଦିନ ଧରି ଶ୍ରୀ ଗୋପୀନାଥ ଦେବ ମନ୍ଦିର ପ୍ରାଙ୍ଗଣରେ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ଅବସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ଡ଼. ବୃନ୍ଦାବନ ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ପ୍ରଫେସର ଡ଼. ହରିହର କାନୁନ୍‌ଗୋ ଓ ଇଂ ଜଗଦୀଶ ସାହୁ ଅତିଥି ଭାବେ ଯୋଗ ଦେଇ ଶ୍ରୀ ଜଗନ୍ନାଥ ତତ୍ତ୍ୱ ଉପରେ ଆଲୋଚନା କରିଥିଲେ। ଉଦ୍‌ଯାପନ ଦିବସରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ଭାବେ କବି ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଭଗବାନ ଚନ୍ଦ୍ର ଦାସ, ବିକ୍ରମ କେଶରୀ ଚମ୍ପତି, ଦିବ୍ୟ ଲୋଚନ ଭାରିମଲ୍ଲ ପ୍ରମୁଖ ଯୋଗ ଦେଇ ଓଡ଼ିଆ ଭାଷା ସାହିତ୍ୟର ଶ୍ରୀବୃଦ୍ଧିରେ କବି ଲେଖକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାର ଅବତାରଣା କରିଥିଲେ। କବି ଗୋବିନ୍ଦ ଚନ୍ଦ୍ର ମହାରଣା ଓ ପ୍ରଫୁଲ୍ଲ କୁମାର ହୋତାଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। ସମ୍ପାଦକ ନୀଳାଦ୍ରିନାଥ ଜଗଦ୍ଦେବ କାର୍ଯ୍ୟକ୍ରମ ନେଇ ସୂଚନା ଦେବା ସହ ଅତିଥି ପରିଚୟ ଦେଇଥିଲେ। ସାହିତ୍ୟ ସଂସଦ ପକ୍ଷରୁ ପାରଳାଖେମୁଣ୍ଡିର କବି ହର ପ୍ରସାଦ ସୁଆର, ଆଠମଲ୍ଲିକ ବଇଣ୍ଡାର କବି ଗଣପତି ସ୍ୱାଇଁ, ମୟୁରଭଂଜ ବେତନଟିର କବି ରତିକାନ୍ତ ବେହେରା,ବାଲିଆପାଳର କବି ସନାତନ ମଲିକ, ମୋଟରିର କବି ରୋହିତ କୁମାର ଚମ୍ପତି, ଖୋର୍ଦ୍ଧାର ଅମ୍ଳାନ କୁମାର ମହାରଣା, ଭୁବନେଶ୍ୱର ଝାଡ଼ପଡ଼ାର ଗୋବିନ୍ଦ ଚନ୍ଦ୍ର ମହାରଣା, ପିପିଲିର ସତ୍ୟ ନାରାୟଣ ସିଂହ, ବାଲେଶ୍ୱରର ଭଗବାନ ଚନ୍ଦ୍ର ଦାସ, ବୋଲଗଡ଼ ପାଟପୁରର ବିଭୁ ହୋତା ଓ ପ୍ରଫୁଲ୍ଲ କୁମାର ହୋତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ଶ୍ରୀ ବଳିଆରସିଂହ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଉତ୍କଳ ଗୌରବ ମଧୁସୂଦନ ଦାସ ଓ ପାରଳା ଗଜପତି କୃଷ୍ଣଚନ୍ଦ୍ର ନାରାୟଣ ଦେବ ଓଡ଼ିଆ ଭାଷାକୁ ନେଇ ଓଡ଼ିଶା ରାଜ୍ୟ ଗଠନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତେବେ ଆମ ରାଜ୍ୟରେ ଓଡ଼ିଆ ଭାଷା ଆୟୋଗ ଗଠନ ନ ହେବା, ନିମ୍ନ ଅଦାଲତରେ ଓଡ଼ିଆରେ ଜବାବ ସୁଆଲ ନ ହେବା ଏବଂ ଓଡ଼ିଆ ଭାଷାରେ ପ୍ରଶାସନ ନ ଚାଲିବା ଓଡ଼ିଆ ଭାଷା ପ୍ରତି ବିପଦ ବୋଲି କହିଥିଲେ। ସମ୍ପାଦକ ନୀଳାଦ୍ରିନାଥ ଜଗଦ୍ଦେବ ଧନ୍ୟବାଦ ଦେଇଥିଲେ।

## ଅଗଷ୍ଟ ୨୧ରୁ ବନ୍ୟା ପ୍ରଭାବିତ ଅଂଚଳ ଗସ୍ତ କରିବ ପିସିସି କ୍ଷୟକ୍ଷତି ଆକଳନକାରୀ ଦଳ

ଭୁବନେଶ୍ୱର (ପିଏନ୍)- ସଂପ୍ରତି ରାଜ୍ୟରେ ବନ୍ୟା ପରିସ୍ଥିତି ଉଗ୍ରରୂପ ଧାରଣ କରିଥିବା ବେଳେ ବହୁ ସ୍ଥାନରେ ନଦୀମାନଙ୍କରେ ଘାଇ ସୃଷ୍ଟି ହୋଇ ହଜାର ହଜାର ଜନସାଧାରଣ, ଗୃହପାଳିତ ପଶୁ ବିପନ୍ନ ଅବସ୍ଥାରେ ରହିଛନ୍ତି। ସେହିପରି ହଜାର ହଜାର ଏକର ଚାଷଜମି, ପନିପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି। ଲୋକମାନେ ପାଣିଘେରରେ ଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ସହାୟତା ଦିଆଯାଇପାରିନାହିଁ। ତେଣୁ ରାଜ୍ୟରେ ବନ୍ୟାଂଚଳର ସ୍ଥିତି ଅନୁଧ୍ୟାନ କରିବା ସହ ବନ୍ୟା କ୍ଷୟକ୍ଷତି ଆକଳନ କରିବାପାଇଁ କଂଗ୍ରେସ ସ୍ଥିତି ଅନୁଧ୍ୟାନକାରୀ ଦଳ ଅଗଷ୍ଟ ୨୧ ତାରିଖରୁ ବନ୍ୟାକ୍ଷତିଗ୍ରସ୍ତ ଜିଲ୍ଲା ଗସ୍ତ କରିବେ। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏଥିପାଇଁ ଗଠିତ ରାଜ୍ୟସ୍ତରୀୟ କମିଟିର ବୈଠକ ଶ୍ରୀ ପଂଚାନନ କାନୁନଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ସ୍ଥିତି ଅନୁଧ୍ୟାନ କାରୀ ଦଳ ତିନୋଟି ଭାଗରେ ବିଭକ୍ତ ହୋଇ ବିଭିନ୍ନ ଅଂଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରି ୨୩ ତାରିଖ ସୁଦ୍ଧା ରିପୋର୍ଟ ପ୍ରଦାନ କରିବେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କମିଟିର ସଦସ୍ୟ ପୂର୍ବତନ ବିଧାୟକ, ଶ୍ରୀ ଚିନ୍ମୟ ପ୍ରସାଦ ବେଉରା, ବରିଷ୍ଠ କଂଗ୍ରେସ ନେତା ଶ୍ରୀ ବିଭୁତି ମିଶ୍ର, ଶ୍ରୀ ଅମୀୟ କୁମାର ପଟ୍ଟନାୟକ, ବିଧାୟକ ପ୍ରାର୍ଥୀ ଶ୍ରୀ ସଂତୋଷ ନନ୍ଦ ଓ ଶ୍ରୀ ମନୋଜ ସାହୁ ଉପସ୍ଥିତ ଥିଲେ। ଏହି ବୈଠକରେ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟଭାବେ ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର ଯୋଗଦେଇଥିଲେ।

## ବରୁଣେଇ ପାଇକ ସ୍ମାରକୀସ୍ଥଳରେ ଜାତୀୟପତାକା ଉତୋଳନ



ଖୋର୍ଦ୍ଧା (ପିଏନ୍): ସ୍ୱାଧୀନତା ଦିବସରେ କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ବରୁଣେଇ ପାଦଦେଶରେ ଅବସ୍ଥିତ ପାଇକ ସ୍ମାରକୀ ସ୍ଥଳଠାରେ ନିରାଡ଼ମ୍ବର ଭାବେ ଜାତୀୟ ପତାକା ଉତୋଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଗଠନର ଉପଦେଷ୍ଟା ଭୀମସେନ ପ୍ରଧାନ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ସଂପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ରାମଚଣ୍ଡୀ ଦଳବେହେରା ମୃତ୍ୟୁଂଜୟ ଛୋଟରାୟ, ଉପ-ସଭାପତି ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଦିଲ୍ଲିପ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ୨୦୧୯ ଡିସେମ୍ବର ୮ ତାରିଖ ଦିନ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପାଇକ ସ୍ମାରକୀ ଶିଳାନ୍ୟାସ କରିଥିଲେ। ସେହିଦିନ ଠାରୁ ପ୍ରତ୍ୟେକ ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସରେ କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ପତାକା ଉତୋଳନ କରାହୋଇ ଆସୁଛି। ଚଳିତ ବର୍ଷ ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ରାଜ୍ୟ ସରକାର ପାଇକ ସ୍ମାରକୀ ପାଇଁ ଯାଗା ଯୋଗାଇ ଦେବାକୁ ରାଜି ହେବା ପରେ ପାଇକ ତଥା ସ୍ୱାଭିମାନୀ ଓଡ଼ିଆମାନଙ୍କ ମନରେ ଆଶା ସଂଚାର ହେଇଛି।

## ସତ୍ୟସାଇ ସେବା ସମିତିର ବାଲବିକାଶ ଶିବିର

ଖୋର୍ଦ୍ଧା (ପିଏନ୍): ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ସ୍ଥାନୀୟ ମଙ୍ଗଳା ନଗର ସ୍ଥିତ ସତ୍ୟସାଇ ସେବା ସମିତି ପକ୍ଷରୁ ବାଲବିକାଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ 'ସ୍ୱାଧୀନତା ଓ ସ୍ୱାଭିମାନ'କୁ ଆଧାର କରି ଚିତ୍ରାଙ୍କନ, ସଂଗୀତ, ଭାଷଣ, କୌତୁକିଆ ପୋଷାକ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆଖପାଖ ଅଂଚଳର ବହୁ ଛୋଟ ଛୋଟ ପିଲା ଏଥିରେ ଅଂଶଗ୍ରହଣ କରିଥିଲେ। ଅଭିଭାବକମାନେ ମଧ୍ୟ ଉପସ୍ଥିତ ରହି ମନୋବଳ ବଢାଇବାରେ ସହାୟକ ହୋଇଥିଲେ। ଶିକ୍ଷୟିତ୍ରୀ ଗଜଲକ୍ଷ୍ମୀ ଛୋଟରାୟ, ସସ୍ମିତା ମୁଦୁଲି, କାଂଚନବାଳା ଜେନା, ପ୍ରତୀକ୍ଷା ଦାସ, ଶ୍ରେୟା ହରିଚନ୍ଦନ, ସାଇ ଜ୍ୟୋତିରଂଜନ ପ୍ରମୁଖ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ସଂଭାବନାର 'ଜୟହିନ୍ଦ୍'ରୁ ଆରମ୍ଭ ହେଲା 'ସ୍ୱାଧୀନତା ୭୫ ଉତ୍ସବ'

ଭୁବନେଶ୍ୱର (ପିଏନ୍)-ସ୍ୱର୍ଗାଦପୀ ଗରିୟସୀ, ଜୟଦେବୀ ଜନ୍ମଭୂମି, ଦେ ଦି ହମେଁ ଆଜାଦୀ, ଭାରତ ହମ୍ କୋ ଜାନ୍ ସେ ପ୍ୟାରା ହେ.....ଭାସି ଆସୁଥିବା ଏହିଭଳି ସଂଗୀତ ମଧ୍ୟରେ ମନେପଡିଯାଉଥିଲା ସ୍ୱାଧୀନତା ସଂଗ୍ରାମର ଆତ୍ମ ବଳିଦାନର ଅଭୁଲା ସ୍ମୃତି। ସ୍ୱାଧିନତାର ୭୫ତମ ବାର୍ଷିକୀ ସମଗ୍ର ଦେଶ ପାଳୁଛି। ଏହା ସହ ତାଳ ଦେଇ ସଂଭାବନାର ଏକ କ୍ଷୁଦ୍ର ପ୍ରୟାସର ଏହା ଥିଲା ଶୁଭାରମ୍ଭ। ଜାତୀୟ ମୁକ୍ତି ଅନ୍ଦୋଳନ ଓ ଜାତୀୟ ସଂହତି ପାଇଁ ଗାନ୍ଧିଜୀ ଓ ଭଗତ ସିଂହଙ୍କ ସମେତ ଅଜସ୍ର ସଂଗ୍ରାମୀ ଓ ଶହୀଦଙ୍କର ଅତୁଳନୀୟ ତ୍ୟାଗ,ବଳିଦାନ ଓ ସଂଗ୍ରାମକୁ ସ୍ମରଣ କରିବା ପାଇଁ ସଂଭାବନାର ସ୍ୱନକ୍ଷତ୍ର ଦିବସ ଓ କ୍ରାନ୍ତି ଦିବସ ଅଗଷ୍ଟ ୯ ସଂଧ୍ୟାରେ ଜୟଦେବ ଭବନ ଠାରେ ଦେଶାତ୍ମବୋଧକ ସଂଗୀତ କାର୍ଯ୍ୟକ୍ରମ 'ଜୟହିନ୍ଦ୍'ରୁ ଉଦ୍‌ଘାଟିତ ହୋଇଛି ଛଅମାସ ଧରି ଚାଲିବାକୁ ଥିବା 'ସ୍ୱାଧୀନତା ୭୫ ଉତ୍ସବ'। 'ସ୍ୱାଧୀନତାର ଅମୃତ ଅନୁଭବ ଉତ୍ସବ' ନାମରେ ନାମିତ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ମାନ୍ୟବର ମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ, ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର। ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ସମୀର ରଂଜନ ଦାଶ, ମାନ୍ୟବର ମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ପ୍ରମୁଖ ଅତିଥି ଭାବେ ପ୍ରାକ୍ତନ ବିଧାୟକ ତଥା ହାଉସିଂ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ୨୦୨୧ର ଶ୍ରେଷ୍ଠ ଓଡ଼ିଆଣୀ ଶ୍ରୀମତୀ ରଶ୍ମି ସାହୁ ଯୋଗଦେଇ ଏହିଭଳି ଉଦ୍ୟମର ପ୍ରଶଂସା କରିଥିଲେ। ପ୍ରାରମ୍ଭିକ ସୂଚନା ଓ ସଭା ପରିଚାଳନା କରିଥିଲେ ସଂଭାବନାର ସଂପାଦକ ଦେବପ୍ରସାଦ ପରିଜା ଓ ମଞ୍ଚରେ ଉପସ୍ଥିତ ଥିଲେ ସୁନାମଧନ୍ୟ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ ଓ କାର୍ଯ୍ୟକାରୀ ଅଧ୍ୟକ୍ଷ ସୁଦର୍ଶନ ଦାସ। ପ୍ରଖ୍ୟାତ ସଂଗୀତ ଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ, ସୌରଭ ନାୟକ, ମହାପ୍ରସାଦ କର, ପ୍ରୀତିନନ୍ଦା ରାଉତରାୟ, ଛନ୍ଦା ମିଶ୍ର, ସିଦ୍ଧାନ୍ତ ଶତପଥି, ଅର୍ଣ୍ଣବ ପଣ୍ଡା, ଇପ୍‌ସିତା ମହାନ୍ତି, ଓ ବିପୁଲ ଆଦିଙ୍କ ସ୍ୱରରେ ଅନୁଷ୍ଠିତ ଦେଶଭକ୍ତି ସଂଗୀତର ସ୍ୱତନ୍ତ୍ର ସଂଧ୍ୟା 'ଜୟହିନ୍ଦ୍'ରେ ଉପସ୍ଥିତ ଦର୍ଶକବୃନ୍ଦ ହୋଇ ଉଠିଥିଲେ ଦେଶପ୍ରେମରେ ବିଭୋର।

ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ଉପସ୍ଥାପନାରେ ଏହି ପ୍ରତିଷ୍ଠିତ ଶିଳ୍ପୀମାନଙ୍କ ସ୍ୱରରେ ପରିବେଷିତ ବନ୍ଦେ ଉତ୍କଳ ଜନନୀ, ଜନଗଣ ମନ ଅଧିନାୟକ, ଗଙ୍ଗା ଯେ ଦେଶେ ବହେ, ବହି ଯାଏ ରେ ଗଙ୍ଗା, ସର୍ବେଷାଂ ନୋ ଜନନୀ, ତେଲର ଶିଶି ଭାଙ୍ଗି ଦେଲି ବୋଲି, ଗଙ୍ଗା ମେରି ମା କା ନାମ, କର୍ ଚଲେ ହମ୍ ଫିଦା, ହେ ପ୍ରୀତ୍ ଯାହାଁ କି ରୀତ୍ ସଦା, ହର୍ କରମ ଆପନା କରେଙ୍ଗେ, ଯାହାଁ ଡାଲ୍ ଡାଲ୍ ପର୍,ଏ ବତନ ଏ ବତନ ହମ୍ କୋ ତେରି କସମ୍, ମା ତୁଝେ ସଲାମ୍, ଛୋଡୋ କଲ୍ କି ବାତେଁ, ଏ ମେରେ ବତନ କେ ଲୋଗୋଁ, ଐସା ଦେଶ୍ ହେ ମେରା ଓ ଗଙ୍ଗା ବେହେତି ହୋ କ୍ୟୁଁ ଆଦି ହୃଦୟରେ ଦେଶଭକ୍ତି ଭାବନା ସୃଷ୍ଟି କରୁଥିଲା।

ଛଅ ମାସ ଧରି ସ୍ୱାଧୀନତା ୭୫ ଉତ୍ସବ ବହୁବିଧ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମ ଶେଷରେ ଜାନୁଆରୀ ୩୦ ତାରିଖ ଶହୀଦ ଦିବସ ଦିନ ଏକ ସ୍ମାରକୀ ବକ୍ତୃତା ସହ ଏହା ଉଦ୍‌ଯାପିତ ହେବ। ଏହି ଅବସରରେ ସଂଭାବନାର ସଂଗ୍ରହଣୀୟ ସ୍ୱାଧୀନତା ସଂଗ୍ରାମ ସଂପର୍କିତ ସ୍ୱତନ୍ତ୍ର ସଂଖ୍ୟା ମଧ୍ୟ ଆତ୍ମପ୍ରକାଶ କରିବ। ଏହି କାର୍ଯ୍ୟକ୍ରମକୁ ସଂଭାବନାର ସଭ୍ୟ ଡ. ପ୍ରେମ ପ୍ରକାଶ ସିଂ, ରାଜଶ୍ରୀ ଶତ୍‌ପଥି, ସତ୍ୟବ୍ରତ ମହାପାତ୍ର ଓ ପ୍ରଫୁଲ୍ଲ ଦେ ଆଦି ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ ୭୬ତମ ସ୍ୱାଧୀନତା ଦିବସ ପାଳିତ

ଖୋର୍ଦ୍ଧା (ପିଏନ୍)-ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ୭୬ତମ ସ୍ୱାଧୀନତା ଦିବସ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ ପରିସରରେ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଏ ନେଇ କାର୍ଯ୍ୟକ୍ରମରେ ରାଜ୍ୟ ଇଲୋକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବସେବା, ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତୋଳନ କରିବା ସହ ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଉଦବୋଧନ ଦେଇଥିଲେ। ଏହି ଅବସରରେ ଗୃହ ମନ୍ତ୍ରୀ ଶ୍ରୀ ବେହେରା ଖୋର୍ଦ୍ଧା ଜିଲ୍ଲାବାସୀ, ପ୍ରଶାସନିକ ପଦାଧିକାରୀ, କରୋନା ଯୋଦ୍ଧା, ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଜାତିର ଜନକ ମହାତ୍ମା ଗାନ୍ଧୀ, ପଣ୍ଡିତ ନେହରୁ,ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ମୌଲାନା ଆଜାଦ, ଡଃ ଆମ୍ବେଦକର, ଲାଲାଲଜପତ ରାୟ, ଗଙ୍ଗାଧର ତିଳକ, ବିପିନଚନ୍ଦ୍ର ପାଲ, ସରୋଜିନୀ ନାଇଡୁ,ଡଃ ରାଜେନ୍ଦ୍ର ପ୍ରସାଦଭଗତ ସିଂ,ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ,ଗୋପବନ୍ଧୁ ଚୌଧୁରୀ,ବିର୍ସା ମୁଣ୍ଡା,ସହିଦ ଲକ୍ଷ୍ମଣ ନାୟକ,ମା ରମାଦେବୀ,ରଘୁ ଦିବାକର,ମାଳତୀ ଚୌଧୁରୀ,ବାଜି ରାଉତ,ଡଃ ହରେକୃଷ୍ଣ ମହାତାବ ବିଜୁ ପଟ୍ଟନାୟକ ପରି ମହାନ ସଂଗ୍ରାମୀ ମାନଙ୍କ ପ୍ରତି ଶ୍ରଦ୍ଧାଂଜଳୀ ଜ୍ଞାପନ କରିଥିଲେ। ଏହି ମହାନ ଜାତୀୟବାଦୀ, ଦେଶପ୍ରେମୀ ଓ ସଂଗ୍ରାମୀ ମାନଙ୍କ ଅବିରତ ସଂଗ୍ରାମ,ତ୍ୟାଗ ଓ ବଳିଦାନ ଯୋଗୁଁ ସ୍ୱାଧିନତା ପ୍ରାପ୍ତି ହୋଇଛି। ଖୋର୍ଦ୍ଧା ହେଉଛି ବୀର ଜାତିର ମାଟି। ବହୁ ମୁକ୍ତି ସଂଗ୍ରାମୀଙ୍କ ଜନ୍ମପୀଠ ଓ କର୍ମପୀଠ ଭାବରେ ଅଲିଭା ସ୍ୱାକ୍ଷର ବହନ କରିଛି। ଏହି ମାଟି କଳା, ସାହିତ୍ୟ, ସଂସ୍କୃତିର ପ୍ରବାହମାନଙ୍କୁ ସୃଷ୍ଟି କରି ଏକ ଜାଗରଣ ଆଣିବାରେ ମୁଖ୍ୟ ଭୂମିକା ତୁଲାଇଛି। ଇଂରେଜମାନଙ୍କ ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମ ଏହି ମାଟିରୁ ଆରମ୍ଭ ହୋଇଥିଲା। ଏହି ମାଟିର ବରପୁତ୍ର ମୁକୁନ୍ଦ ଦେବ, ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ, ପିଣ୍ଡିକି ବାହୁବଳେନ୍ଦ୍ର, କୃତିବାସ ପାଟ୍ଟଶାଣୀ ଓ ମାଧବ ଚନ୍ଦ୍ର ରାଉତରାୟଙ୍କ ତ୍ୟାଗ ଓ ବଳିଦାନକୁ ଏ ଜାତି କେବେ ଭୁଲିପାରିବ ନାହିଁ। ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର,ସଚ୍ଚି ରାଉତରାୟ,ପର୍ଶୁରାମ ପଟ୍ଟନାୟକ,ମାୟାଧର ମାନସିଂହ ଓ କୃଷ୍ଣ ଚନ୍ଦ୍ର ତ୍ରିପାଠୀଙ୍କ ପରି ଅନେକ ଯଶସ୍ୱୀ ମାନଙ୍କୁ ଏ ମାଟି ଜନ୍ମ ଦେଇଛି। ଭାରତର ସ୍ୱାଧୀନତା ଓ ରାଷ୍ଟ୍ର ଗଠନରେ ଏହି ମହାପୁରୁଷଙ୍କ ଅମୂଲ୍ୟ ଅବଦାନ ଆଜି ଉତରପିଢୀ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି। ଚଳିତ ବର୍ଷ ସାରା ଦେଶରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତି ଉପଲକ୍ଷେ ଆଜାଦ କି ଅମୃତ ମହୋତ୍ସବ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସ୍ୱାଧୀନତା ପରେ ରାଜ୍ୟର ପ୍ରଗତି ଦ୍ରୁତ ପଥରେ ଆଗେଇ ଚାଲିଛି। ଓଡିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କ ଲାଗି ଅନେକ କଲ୍ୟାଣକାରୀ ଯୋଜନାମାନ କାର୍ଯ୍ୟକାରୀ କରିଛନ୍ତି। ଗ୍ରାମୀଣ ବିକାଶ, କୃଷିର ଉନ୍ନତି, ଶିଳ୍ପର ବିକାଶ, ଶିକ୍ଷାର ଉନ୍ନତି, ସହରାଂଚଳ ଉନ୍ନତି, ଅର୍ଥନୈତିକ ଅଭିବୃଦ୍ଧି, କ୍ରୀଡା, ସୂଚନା ପ୍ରଯୁକ୍ତି, ସ୍ୱାସ୍ଥ୍ୟ ସେବା ଓ ମହିଳା ସଶକ୍ତିକରଣ ଲାଗି ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ଗୁଣାତ୍ମକ ଶିକ୍ଷା ନିମନ୍ତେ ରାଜ୍ୟର ପ୍ରତି ବ୍ଲକରେ ଓଡିଶା ଆଦର୍ଶ ବିଦ୍ୟାଳୟ ଗଠନ, ସର୍ବକାଳୀନ ରେକର୍ଡ ସଂଖ୍ୟକ ୧୩୦୩୯ ମେଟ୍ରିକ ଟନ ଖାଦ୍ୟଶସ୍ୟ ଉତ୍ପାଦନ,ମିଶନ ଶକ୍ତି ଜରିଆରେ ୭୦ ଲକ୍ଷ ମହିଳାଙ୍କ ଆର୍ଥିକ ଓ ସାମାଜିକ ବିକାଶ,ମମତା ଯୋଜନାରେ ପ୍ରସୂତି ମା ମାନଙ୍କୁ ୫ ହଜାର ଟଙ୍କା ସହାୟତା ରାଶି,ସହରାଂଚଳ ବସ୍ତି ବାସିନ୍ଦାଙ୍କ ନିମନ୍ତେ ଯାଗା ମିଶନ, ଅନୁସୂଚିତ ଜାତି ଓ ଜନଜାତି ମେଧାବୀ ବିଦ୍ୟାର୍ଥୀଙ୍କ ନିମନ୍ତେ ଅନ୍ୱେଷା ଯୋଜନା, ଓ ଅତିରିକ୍ତ ୧୧୫୬୭ ହେକ୍ଟର ପରିମିତ ଚାଷ ଜମିକୁ ଜଳସେଚନ ସୁବିଧା ନିମନ୍ତେ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ସେହିଭଳି ପୁଞ୍ଜି ବିନିଯୋଗ ଓ ଶିଳ୍ପ ପ୍ରତିଷ୍ଠାକୁ ତ୍ୱରାନ୍ୱିତ କରିବାକୁ ଆସନ୍ତା ନଭେମ୍ବର ମାସ ୩୦ ତାରିଖରେ ମେକ ଇନ୍ ଓଡିଶା ଆରମ୍ଭ ହୋଇଛି। ଗରିବ ଶ୍ରେଣୀର ବ୍ୟକ୍ତିବିଶେଷଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ପ୍ରଦାନ, ଖୋର୍ଦ୍ଧା ଜିଲ୍ଲା ତଥା ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ଫିଫା ମାନର ଫୁଟବଲ ପଡିଆ ସହ ୧୨ ହଜାର ଦର୍ଶକ ବସିବା ଭଳି ବ୍ୟବସ୍ଥା,ଇଣ୍ଡୋର ଆଥଲେଟିକ୍ସ,ହାଇ ପରଫର୍ମାନ୍ସ ସେଂଟର, ଆକ୍ୱାଟିକ ସେଂଟର,ବ୍ୟାଡମିଂଟନ ଉତ୍କର୍ଷ କେନ୍ଦ୍ର,ଟେନିସ ସେଂଟର,ସ୍ପୋର୍ଟସ କ୍ଲାଇମ୍ବିଙ୍ଗ ୱାଲ,ସୁଇମିଂ ପୁଲ, ସୁଟିଂ ରେଞ୍ଜ, ଓ ଜିମ୍ନାଷ୍ଟିକ କେନ୍ଦ୍ର ସ୍ଥାପନ ରାଜ୍ୟର କ୍ରୀଡା କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି କରିଛି। ବିଭିନ୍ନ ଜିଲ୍ଲାରେ ୮୯ଟି ବହୁମୁଖୀ ଇଣ୍ଡୋର ହଲ, ପ୍ରତି ଜିଲ୍ଲା ଓ ବ୍ଲକରେ ମିନି ଷ୍ଟାଡିୟମ ନିର୍ମାଣ ସହ ତୃଣମୂଳ ସ୍ତରରେ ବିଭିନ୍ନ ପ୍ରତିଭା ସୃଷ୍ଟି କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି। ଆସନ୍ତା ବର୍ଷ ରାଉରକେଲା ଓ ଭୁବନେଶ୍ୱର ହକି ବିଶ୍ୱ କପ୍ ଆୟୋଜନ କରାଯାଉଛି। ଏଥିନିମନ୍ତେ ରାଉରକେଲାଠାରେ ସର୍ବବୃହତ ହକି ଷ୍ଟାଡିୟମ ଶେଷ ପର୍ଯ୍ୟାୟରେ ପହଂଚିଛି ବୋଲି ମୁଖ୍ୟ ଅତିଥି ଉଲ୍ଲେଖ କରିଛନ୍ତି। ସେ ଆହୁରି କହିଥିଲେ ଯେ ଆଭ୍ୟନ୍ତରୀଣ ସୁରକ୍ଷା ନିମନ୍ତେ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇ ଉଗ୍ରପନ୍ଥୀ କାର୍ଯ୍ୟକଳାପକୁ ପ୍ରତିହତ କରାଯାଇଛି। ଗତ ୧୦ ବର୍ଷ ମଧ୍ୟରେ ୪୩୧ ଜଣ ମାଓବାଦୀ ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି। ୨୨୪ ଜଣଙ୍କୁ ୬ କୋଟି ୭୩ ଲକ୍ଷ ବ୍ୟୟରେ ଥଇଥାନ କରାଯାଇଛି। ସେହିଭଳି ମହିଳା ଓ ଶିଶୁଙ୍କ ବିରୁଦ୍ଧରେ ଅପରାଧକୁ ରୋକିବା, ସାଇବର ଥାନା ପ୍ରତିଷ୍ଠା, ଅପହଂଚ ଇଲାକାରେ ମୋବାଇଲ ନେଟୱାର୍କ ସେବା ପ୍ରଦାନ, ଅନଲାଇନ ଶିକ୍ଷା ବ୍ୟବସ୍ଥା, ସ୍ମାର୍ଟ କ୍ଲାସରୁମ, ଥାନାଗୁଡିକରେ ସିସିଟିଭି ସର୍ଭେଲାନ୍ସ ଓ ଜନସାଧାଧାରଣଙ୍କୁ ଇ ସେବା ଯୋଗାଇ ଦେବାକୁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଅନ୍ୟ ପକ୍ଷରେ ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ବ୍ଲକରେ ୧୦ କୋଟି ଟଙ୍କା ବ୍ୟୟରେ ଆଦର୍ଶ ବିଦ୍ୟାଳୟ, ୨୦୫ କୋଟି ବ୍ୟୟରେ ଟାଙ୍ଗୀ, ଚିଲିକା ଓ ବାଣପୁର ଅଂଚଳରେ ଦୁଇଟି ବୃହତ ପାନୀୟ ଜଳ ପ୍ରକଳ୍ପ, ବାଲୁଗାଁ, ବାଣପୁର, ଜଟଣୀ ଓ ଖୋର୍ଦ୍ଧା ପୌରସଂସ୍ଥା ଅଧିନରେ ୩୧ କୋଟି ୪୫ ଲକ୍ଷ ଟଙ୍କା ବ୍ୟୟରେ ୪ଟି ଇନଡୋର ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହି ଅବସରରେ ମହାନ ସଂଗ୍ରାମୀ ନେତୃବୃନ୍ଦ ସମ୍ବିଧାନ ପ୍ରଣେତାମାନଙ୍କ ଅବଦାନ, ତ୍ୟାଗ ଓ ବଳିଦାନକୁ ମନେପକାଇ ସମୃଦ୍ଧ ଓଡିଶା ଓ ଭାରତବର୍ଷ ଗଠନରେ ସଙ୍କଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେବାସହ କରୋନା ଯୋଦ୍ଧା ଭାବେ ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ଅଗ୍ନିଶମ ଓ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତି, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଉପଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାଲ, ଡିଏଫଓ ପି ପୂର୍ଣ୍ଣିମା, ଖୋର୍ଦ୍ଧା ପୌରପରିଷଦ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତିଙ୍କ ସମେତ ବିଭିନ୍ନ ପଦାଧିକାରୀମାନେ ଯୋଗଦେଇଥିଲେ। ପ୍ୟାରେଡ କାର୍ଯ୍ୟକ୍ରମକୁ ରିଜର୍ଭ ଇନିସପେକ୍ଟର ଶ୍ରୀ ନାଗେଶ ପରିଚାଳନା କରିଥିଲେ। ଏଥିସହିତ ମୁଖ୍ୟ ଅତିଥି ଶ୍ରୀ ବେହେରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ସହ ବୃକ୍ଷରୋପଣ କରିଥିଲେ। ଚିକିତ୍ସାଳୟର ଅନ୍ତେବାସୀ ରୋଗୀମାନଙ୍କୁ ଫଳ ବଂଟନ କରାଯାଇଥିଲା। ପ୍ରାତଃ ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡାକବାଜି ଯନ୍ତ୍ର ଦେଇ ସହରରେ ରାମଧୂନ ପରିବେଷଣ କରିବା ସହ ପୌରସଂସ୍ଥା ପକ୍ଷରୁ ସମସ୍ତ ବରପୁତ୍ରମାନଙ୍କର ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପରିଚାଳନା କରାଯାଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତୀ ପତାକା ଉତୋଳନ କରିଥିଲେ। ଏତଦ୍‌ବ୍ୟତୀତ ଖୋର୍ଦ୍ଧାର ଗାନ୍ଧୀ ପଡିଆସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ୫ ନମ୍ବର ୱାର୍ଡର କାଉନସେଲର ଅମିୟ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତୋଳନ କରିଥିଲେ। ସେହିପରି ଶିଳ୍ପାଂଚଳ ଫାଣ୍ଡି ନିକଟସ୍ଥ ଜେଆରଜି ଏଜୁକେସନ ଟ୍ରଷ୍ଟରେ ୱାଇଆଇ ଚେୟାର ସିଦ୍ଧାର୍ଥ ଗର୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତୋଳନ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Prayan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ତରଡିପାଳରେ ରୁକ୍ମିଣୀ ଦେବୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବନ୍ୟାଞ୍ଚଳ ତରଡିପାଳ ଗ୍ରାମର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଭିକାରୀ ବିଶ୍ୱାଳଙ୍କ ଧର୍ମପତ୍ନୀ ପରୋପକାରୀ ତଥା ଧର୍ମପରାୟଣା ମହିଳା ରୁକ୍ମିଣୀ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ତରଡିପାଳ ଠାରେ ତାଙ୍କର ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ନିଗମ କଳ୍ପତରୁ ଆଶ୍ରମର ମୁଖ୍ୟ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ବେଦମନ୍ତ୍ର ପାଠ ପୂର୍ବକ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ। ପଣ୍ଡିତ ମହେଶ୍ୱର ନନ୍ଦ ଓ ପଣ୍ଡିତ ଦେବୀ କୁମାର ଶତପଥୀଙ୍କ ତତ୍ୱାବଧାନରେ ଶ୍ରୀମଦ୍‌ଭାଗବତ ଗୀତା ଯଜ୍ଞର ଆୟୋଜନ କରାଯାଇଥିଲା। ସାମ୍ବାଦିକ ଚିତ୍ତରଞ୍ଜନ ମଲ୍ଲିକଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ ମନ୍ତ୍ରୀ ଗଣେଶ୍ୱର ବେହେରା, କଟକ ଜିଲ୍ଲା ପରିଷଦର ପ୍ରାକ୍ତନ ଅଧକ୍ଷା ଲକ୍ଷ୍ମୀବିଳାସିନୀ ବିଶ୍ୱାଳ, ପ୍ରାକ୍ତନ ବ୍ଲକ ଅଧକ୍ଷ ମାନସ ସାମଲ, କ୍ଷୀରେଶ୍ୱର ଜେନା, ଦିଗମ୍ବର ବିଶ୍ୱାଳ, ଅଜୀତ ବିଶ୍ୱାଳ, ରାଧାମୋହନ ପଟ୍ଟନାୟକ(ଜନଭାଇ), ସବ୍ୟସାଚି ବିଶ୍ୱାଳ, ସାମ୍ବାଦିକ ନରେନ୍ଦ୍ର ଧଳ, ଅକ୍ଷୟ ମହାନ୍ତି, ରଶ୍ମୀରଞ୍ଜନ ସ୍ୱାଇଁ, ସରପଞ୍ଚ ଦେବବ୍ରତ ନାୟକ, ସମିତିସଭ୍ୟ ନିରଞ୍ଜନ ବାରିକ, ସମବାୟ ସମିତି ସଭାପତି ଧନେଶ୍ୱର ପ୍ରଧାନ, ପ୍ରାକ୍ତନ ସରପଞ୍ଚ ସଞ୍ଜୟ ମଲ୍ଲିକ, କ୍ଷମାନିଧି ସାମଲ, କ୍ରୀଡା ଶିକ୍ଷକ ସୁଶିଲ ବିଶ୍ୱାଳ, ବସନ୍ତ ବିଶ୍ୱାଳ, ପ୍ରଧାନ ଶିକ୍ଷକ ଅରୁପାନନ୍ଦ ବିଶ୍ୱାଳ, ସଚ୍ଚିଦାନନ୍ଦ ବିଶ୍ୱାଳ, ଦୁର୍ଯ୍ୟୋଧନ ବିଶ୍ୱାଳ, ଅମୀୟ ବେହୁରା ଓ ପ୍ରଭାତ ମଲ୍ଲିକ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଶେଷରେ ଶିକ୍ଷୟୋଗୀ ସରୋଜ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।



## ଶିକ୍ଷାନବୀଶ ଓଏଏସ ମାନଙ୍କୁ ଜମି ଅଧିଗ୍ରହଣର ପ୍ରଶିକ୍ଷଣ ପ୍ରଦାନ

ପୁରୀ, (ପି.ଏନ): ୫୮ ଜଣ ଶିକ୍ଷାନବୀଶ ଓଡିଶା ପ୍ରଶାସନିକ ଅଧିକାରୀ ବା ଓଏଏସ୍ ଙ୍କୁ ଜମି ଅଧିଗ୍ରହଣର ବିଭିନ୍ନ କାର୍ଯ୍ୟ ଧାରା ସମ୍ପର୍କରେ ବିସ୍ତୃତ ଅବଗତ କରାଯାଇଛି। ବୁଧବାର ଜିଲ୍ଲାରେ ଗୋପବନ୍ଧୁ ଏକାଡେମୀ ଅଫ ଆଡମିନଷ୍ଟ୍ରେସନର ଅତିରିକ୍ତ ନିର୍ଦ୍ଦେଶକ ବିଭୁତି ଭୂଷଣ ମିଶ୍ରଙ୍କ ତତ୍ୱାବଧାନରେ ପୁରୀ ଜିଲ୍ଲାରେ ପହଂଚିବା ପରେ ସମସ୍ତ ଶିକ୍ଷାନବୀଶଙ୍କୁ ନୋଡ଼ାଲ ଅଫିସର ନିଜାରତ ଅଧିକାରୀ ପର୍ଶୁରାମ ମଲ୍ଲିକ ଓ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ସ୍ୱାଗତ କରିଥିଲେ।

# ଅବ୍ୟକ୍ତ ରାଜ୍ୟ ସାଧାରଣ ସମ୍ପାଦକ ଓ ଶୁଭକାନ୍ତ ରାଜ୍ୟ ସମ୍ପାଦକ ଭାବେ ମନୋନୀତ

ଖୋର୍ଦ୍ଧା,(ପିଏନ):ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଅବ୍ୟକ୍ତ ହରିହର ଖାଡଙ୍ଗା ପୁନଃ ଭାବେ ନିଯୁକ୍ତ ହୋଇଥିବା ବେଳେ ନୂତନ ଭାବେ ରାଜ୍ୟ ସମ୍ପାଦକ ଶୁଭକାନ୍ତ ସାହୁ ମନୋନୀତ ହୋଇଛନ୍ତି । ଏ ନେଇ ଖୋର୍ଦ୍ଧା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଦୁଇ ପ୍ରତିଭାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଅବ୍ୟକ୍ତ ଓ ଶୁଭକାନ୍ତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ରାଜେନ୍ଦ୍ର କୁମାର ସାହୁ,ପ୍ରଣବ ପ୍ରକାଶ ଦାସ,ପ୍ରଣବ କୁମାର ବଳବନ୍ତରାୟ ଓ ବ୍ୟୋମକେଶ ରାୟଙ୍କୁ କୃତଜ୍ଞତା ଜଣାଇଛନ୍ତି । ଗତ ୨୦୨୦ ମସିହାରୁ ଅବ୍ୟକ୍ତ ହରିହର ଖାଡଙ୍ଗା ରାଜ୍ୟ ସାଧାରଣ ସମ୍ପାଦକ ତଥା କେନ୍ଦୁଝର ଜିଲ୍ଲା ଯୁବ ବିଜେଡି ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରି ଆସୁଥିବା ଦୁଇଟି ଉପ ନିର୍ବାଚନରେ କାର୍ଯ୍ୟ ଦକ୍ଷତାକୁ ନେଇ ତ୍ରୀ ସ୍ତରୀୟ ପଂଚାୟତ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ମାନଙ୍କର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।ସେହିପରି ଶୁଭକାନ୍ତ ମହାପାତ୍ର ଜଣେ ଯୁବ ସଙ୍ଗଠକ ଭାବେ ବେଗୁନିଆ ବିଧାୟକଙ୍କ ଦ୍ୱାରା ବିଭିନ୍ନ ଗଠନ ମୂଳକ ସାମାଜିକ କାର୍ଯ୍ୟକ୍ରମ ଓ ବିଜୁ ଜନତା ଦଳକୁ ସୁଦୃଢ କରିବା ପାଇଁ ବିଧାୟକଙ୍କ ଆନୁଗତ୍ୟ ଭାବେ କାର୍ଯ୍ୟ କରୁଛନ୍ତି ।ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ରାଜେନ୍ଦ୍ର କୁମାର ସାହୁଙ୍କ ଆହ୍ୱାନକ୍ରମେ ଖୋର୍ଦ୍ଧା ଜିଲ୍ଲାରେ ୪ ହଜାରରୁ ଅଧିକ ରକ୍ତ ସଂଗ୍ରହ, ୨ ହଜାରରୁ ଉର୍ଦ୍ଧ୍ୱ ବୃକ୍ଷ ରୋପଣ,କରୋନା ମହାମାରୀ ସମୟରେ ମାସ୍କ ବଂଟନ,ଗୋରୁ ବୁଲା କୁକୁରଙ୍କୁ ଖାଦ୍ୟ ସେବା କାର୍ଯ୍ୟକ୍ରମ,ହିତାଧିକାରୀ ମାନଙ୍କୁ ସରକାରୀ ସୁବିଧା ପାଇଁ ସାହାର୍ଯ୍ୟ ଓ ବାହାର ରାଜ୍ୟରୁ ପ୍ରବାସୀ ଓଡିଆଙ୍କ ମୃତ ଶରୀରରକୁ ଓଡିଶାକୁ ଆଣିବା ଭଳି କାର୍ଯ୍ୟ କରି ଅବ୍ୟକ୍ତ ଓ ଶୁଭକାନ୍ତ ସାଧାରଣ ଲୋକଙ୍କ ପାଖରେ ଆଦୃତ ହୋଇ ପାରିଥିବାରୁ ବିଜୁ ଜନତା ଦଳର କର୍ମୀମାନେ ସନ୍ତୋଷ ପ୍ରକାଶ କରିଛନ୍ତି ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଙ୍ଗା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

# ସ୍ୱାଭିମାନ ଅଂଚଳରେ ଉଚ୍ଚଶିକ୍ଷାର କୌଣସି ବ୍ୟବସ୍ଥା ନାହିଁ; ମାଟ୍ରିକ ପାଶ ପରେ ଆଦିବାସୀ ଛାତ୍ରଛାତ୍ରୀ ଦାଦନ

ମାଲକାନଗିରି,(ପି.ଏନ): ମାଟ୍ରିକ ପାସ ପରେ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଂଚଳର ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟ ନଥିବାରୁ ଉଚ୍ଚ ଶିକ୍ଷାରୁ ବଂଚିତ ହୋଇ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯିବାକୁ ବାଧ ହେଉଛନ୍ତି । ଉଚ୍ଚ ଶିକ୍ଷାର ଯେଉଁ ସ୍ୱପ୍ନ ରହିଛି ଧୀରେ ଧୀରେ ତାହା ମଉଳି ଯାଉଛି । ବିଶେଷ କରି ମହାବିଦ୍ୟାଳୟଗୁଡ଼ିକ ସ୍ୱାଭିମାନ ଅଂଚଳରୁ ଦୂରରେ ଅବସ୍ଥାପିତ ହୋଇଥିବାରୁ ପଢ଼ିବାକୁ ଯାଇ ପାରୁନାହାନ୍ତି ଆଦିବାସୀ ଛାତ୍ରଛାତ୍ରୀ । ତେଣୁ ବାଧ ହୋଇ ଛାତ୍ରଛାତ୍ରୀମାନେ ମାଟ୍ରିକ ପାସ ପରେ ପାଠପଢା ଛାଡ଼ି ଦେଉଛନ୍ତି । ଏହାର ଏକ ନଗ୍ନନମୁନା ହେଉଛି ସ୍ୱାଭିମାନ ଅଂଚଳର ପଣସପୁଟ, ଜୋଡ଼ାମ୍ବ, ବଡ଼ପଡ଼ା, ବଡ଼ପଦର, ଧୂଳିପୁଟ, ଗାଜଲମାମୁଡ଼ି, ଅଣ୍ଡ୍ରାପାଲ୍ଲୀ, ପାପରମେଟଲା, ରାଲେଗେଡ଼ା ପ୍ରଭୃତି ପଂଚାୟତ ଗୁଡ଼ିକରେ ଭାରତ ସ୍ୱାଧୀନ ହେବାର ୭୫ ବର୍ଷ ପରେ ମଧ ଗୋଟିଏ ହେଲେ ମହାବିଦ୍ୟାଳୟ ସ୍ୱାଭିମାନ ଅଂଚଳରେ ସ୍ଥାପିତ ହୋଇ ପାରିନାହିଁ । ଏହି ଅଂଚଳର ଛାତ୍ରଛାତ୍ରୀମାନେ ବାଲିମେଳା କିମ୍ବା ଚିତ୍ରକୋଣ୍ଡା ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ମହାବିଦ୍ୟାଳୟରେ ଯୁକ୍ତ ଦୁଇରେ ନାମ ଲେଖାନ୍ତି । ତେବେ ଯୁକ୍ତ ଦୁଇ କଳାରେ ପାଠ ପଢିବା ପାଇଁ ଛାତ୍ରଛାତ୍ରୀଙ୍କୁ କୁଡୁମୁଲୁଗୁମ୍ମା ଯିବାକୁ ପଡିଥାଏ । ସେହିପରି ଯୁକ୍ତ ତିନି ପାଇଁ ମଧ ବାଲିମେଳା ଓ ମାଲକାନଗିରି ସଦର ମହକୁମାରେ ଥିବା ମହାବିଦ୍ୟାଳୟ ଉପରେ ନିର୍ଭର କରନ୍ତି ସ୍ୱାଭିମାନ ଅଂଚଳର ଛାତ୍ରଛାତ୍ରୀମାନେ । ତେବେ ମାଲକାନଗିରି ଜିଲ୍ଲାରେ ଡ୍ରପ୍ ଆଉଟ୍ ଛାତ୍ରଛାତ୍ରୀମାନଙ୍କ ହାର ୫୪ ପ୍ରତିଶତ ରହିଥିବା କୁହାଯାଉଥିବା ବେଳେ ବାସ୍ତବ କ୍ଷେତ୍ରରେ ଏହା ଅଧିକ ହେବ ବୋଲି ଅନୁମେୟ । ବିଶେଷ କରି ଆଦିବାସୀ ଛାତ୍ରୀଙ୍କ କ୍ଷେତ୍ରରେ ଡ୍ରପ୍‌ଆଉଟ୍ ହାର ଅଧିକ ରହିଥିବା ବେଳେ ମାଟ୍ରିକ୍ ପାଶ ପରେ ମଧ କଲେଜ ପ୍ରାଙ୍ଗଣ ମାଡି ପାରୁ ନାହାନ୍ତି ଛାତ୍ରୀମାନେ । ତେବେ ସରକାରଙ୍କ ପକ୍ଷରୁ କିଛି ଉଚ୍ଚ ବିଦ୍ୟାଳୟକୁ ଯୁକ୍ତ ୨ ପାଠ୍ୟକ୍ରମ କରିବା ଲାଗି ଯୋଜନା ରହିଥିବା ବେଳେ ଏହା ସ୍ୱାଭିମାନ ଅଂଚଳରେ ଆରମ୍ଭ ହେବ କି ନାହିଁ ସନ୍ଦେହ ଉଦ୍ରେକ ହୋଇଛି । ବର୍ତମାନ ସୁଦ୍ଧା ମାଲକାନଗିରି ଜିଲ୍ଲାରେ ପ୍ରାୟ ୫ଟି ଉଚ୍ଚ ବିଦ୍ୟାଳୟକୁ ଯୁକ୍ତ ୨ କୁ ଉନ୍ନିତ ହେବା ପାଇଁ ମଞ୍ଜୁରୀ ମିଳିଥିବା ଜଣାପଡ଼ିଛି । ତେବେ ସ୍ୱାଭିମାନ ଅଂଚଳରେ ଯୁକ୍ତ ୨ ଅଧ୍ୟୟନ ଲାଗି ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ଦୂର ଦୃଷ୍ଟିର ଅଭାବ ଯୋଗୁଁ ଆଦିବାସୀ ଛାତ୍ରଛାତ୍ରୀମାନେ ଉଚ୍ଚ ଶିକ୍ଷାରୁ ବଂଚିତ ହେବାକୁ ବାଧ ହେଉଥିବା ଜଣାପଡିଛି ।

## ଶ୍ରୀକୃଷ୍ଣ ଜନ୍ମ ଉତ୍ସବ ପାଳନ

ବଲାଙ୍ଗିର,(ପି.ଏନ): ବିଶ୍ୱାମ୍ବ ବିଦ୍ୟାମନ୍ଦିର ସାହାଜବାହାଲ ଠାରେ ବହୁତ ଆନନ୍ଦ ଓ ଉଲ୍ଲାସର ସହିତ ସମସ୍ତ ଭାଇ ଭଉଣୀ, ଆଚାର୍ଯ୍ୟ ଓ ଆଚାର୍ଯ୍ୟାମାନଙ୍କୁ ନେଇ ଶ୍ରୀକୃଷ୍ଣ ଜନ୍ମ ଉତ୍ସବ ପାଳନ କରାଯାଇଥିଲା । ମୁଖ୍ୟ ଆଚାର୍ଯ୍ୟ ଚନ୍ଦ୍ର କୁମାର ପୁରୋହିତଙ୍କ ଦିଗଦର୍ଶନ ଅନୁଯାୟୀ ସମସ୍ତ ଭାଇଗଣ ଶ୍ରୀକୃଷ୍ଣ ବେଶରେ ଏବଂ ସମସ୍ତ ଭଉଣୀ ବୃନ୍ଦ ରାଧାରାଣୀ ବେଶରେ ସୁସଜ୍ଜିତ ହୋଇ ଭଜନ, କିର୍ତନ ସହ ଦୋଳି, ଝୁଲନ କରି ଗୀତ ଗାଇ ଜନ୍ମ ଉତ୍ସବ ପାଳନ କରାଯାଇଥିଲା ।

# କେନାଲ ଉପରେ ବ୍ରିଜ୍ ନିର୍ମାଣ ପାଇଁ ଦାବୀ

ମାଲକାନଗିରି, (ପି.ଏନ): ମାଲକାନଗିରି ସହରରୁ ଚାଲାଣଗୁଡା ଯିବା ନିମନ୍ତେ ଯେଉଁ କେନାଲ ରାସ୍ତା ରହିଛି ସେହିରାସ୍ତାର ଅପରପାର୍ଶ୍ୱରେ ଶ୍ରୀ ଶ୍ରୀ ହରଗୌରୀ ମନ୍ଦିର ରହିଛି। ଏଠାକୁ ପ୍ରତି ସୋମବାର, ସଂକ୍ରାନ୍ତି, ଏକାଦଶି ତଥା ଶ୍ରାବଣ ଓ କାର୍ତିକ ମାସରେ ଶ୍ରଦ୍ଧାଳୁଙ୍କ ଭିଡ ହୋଇଥାଏ। ଏହି ଶିବଲିଙ୍ଗ ସ୍ୱପ୍ନାଦେଶରେ ପ୍ରାପ୍ତ ହୋଇଛନ୍ତି। ଅନେକ ଶ୍ରଦ୍ଧାଳୁଙ୍କ ମନସ୍କାମନା ମଧ ପୁର୍ଣ ହେଉଥିବାରୁ ସମସ୍ତ ବାଧାସତ୍ୱେ ସମସ୍ତେ ପୂଜାର୍ଚ୍ଚନା ନିମନ୍ତେ ଏହି ଶିବ ମନ୍ଦିରକୁ ଆସିଥାନ୍ତି। ଏହା ଏକ ମନୋରମ ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ମଧ ଅଟେ। ଅନେକ ସମୟରେ ଶ୍ରଦ୍ଧାଳୁ ଏଠାକୁ ବଣଭୋଜି କରିବା ନିମନ୍ତେ ଆସିଥାନ୍ତି। ବର୍ତମାନ ଚାଷ ସମୟରେ ଚାଷୀ, ସେମାନଙ୍କ ପରିବାର ତଥା ବଳଦ ଓ ଗୋସମ୍ପଦ ଗୁଡିକ କେନାଲରେ ପାରି ହେବା ସମୟରେ ଓଦା ହୋଇଯାଉଛନ୍ତି। କେନାଲ ପାରି ହେବା ପରେ ସମସ୍ତେ କାଦୁଅ ଗୋଡରେ ମନ୍ଦିର ଯିବା ଓ ଘରକୁ ଫେରିବାକୁ ପଡୁଛି। ତେଣୁ (ଉଭୟ ପ୍ରାଣୀସମ୍ପଦ ଓ ମନୁଷ୍ୟ) ଏକ ସ୍ଥାୟୀ ବ୍ରିଜ୍ ନିର୍ମାଣ କଲେ ସମସ୍ତେ ଅନେକ ମାତ୍ରାରେ ଚିରୋପକୃତ ହୋଇପାରନ୍ତେ।ଏହି ବିଷୟରେ ସସ୍ମିତା ରାୟ ଓ ଭାରତୀ ପାଢୀ ସହ ନିର୍ବାହୀ ଯନ୍ତ୍ରୀ, ମାଟିବନ୍ଧ ଯୋଜନା, ସତିଗୁଡାଙ୍କୁ ଲିଖିତ ନିବେଦନ କରିବାସହ ସେହି ପତ୍ରର ନକଲ ସହ ନିର୍ମାଣ ଯନ୍ତ୍ରୀ, ପଟେରୁ ଜଳସେଚନ ବିଭାଗ, ବାଲିମେଳାଙ୍କ ଓ ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଚିତ୍ରକୋଣ୍ଡା ମାଟିବନ୍ଧ ଯୋଜନା ବିଭାଗ, ଚିତ୍ରକୋଣ୍ଡା ଙ୍କ ନିକଟକୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରିଥିବା ସୂଚନା ମିଳିଛି।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada






# ଓଡିଶା ଟେନିସବଲ୍ କ୍ରିକେଟ୍ ଦଳକୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,(ପି.ଏନ): ଚେନ୍ନାଇ ଠାରେ ଅନୁଷ୍ଠିତ ହୋଇଥିବା ୨୭ ତମ ଜାତୀୟ ସବ୍ ଜୁନିୟର ଟେନିସ୍ ବଲ୍ କ୍ରିକେଟ୍ ଚ୍ାମ୍ପିଅନସିପ୍ ରେ ଓଡ଼ିଶା ତୃତୀୟ ସ୍ଥାନ ସହିତ ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଆ ଦଳ ଆଜି ପ୍ରତ୍ୟାବର୍ତ୍ତନ କରିଛି । ବ୍ରୋଞ୍ଜ ପଦକ ବିଜୟୀ ଓଡିଶା ଦଳରେ ସାମିଲ ଖେଳାଳି ଓ ମ୍ୟାନେଜେର, ସମୀର କାନ୍ତ ମହାପାତ୍ରଙ୍କୁ ଭୁବନେଶ୍ୱର ଷ୍ଟେସନରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଓଡ଼ିଶାର ଜଣାଶୁଣା ସଂଗଠନ ଉଇ ଫର ଭୁବନେଶ୍ୱର ସମସ୍ତ କର୍ମକର୍ତ୍ତା, ଓଡିଶା ଟେନିସ୍ ବଲ୍ କ୍ରିକେଟ୍ ସଂଘର ସଭାପତି ସୁରଜ କୁମାର ମିଶ୍ର, ସମ୍ପାଦକ ସିଥିଲ କୁମାର ପଣ୍ଡା, କୋଷାଧକ୍ଷ ଅଶୋକ ଦାଶ, ଯୁଗ୍ମସମ୍ପାଦିକ ସୋମନାଥ ପରିଡ଼ା, ସଞ୍ଜୟ ବିଶୋୟୀ, ପ୍ରକାଶ ସାହୁ, ରଞ୍ଜନ ନାୟକ ଏବଂ ଓଡିଶା ଦଳର ମୁଖ୍ୟ କୋଚ୍ ଚ୍କ୍ରଧର ମାଝୀଙ୍କ ସମେତ ବହୁ କ୍ରୀଡ଼ାପ୍ରେମୀ ଓ ବ୍ୟକ୍ତି ବିଶେଷ ଦଳର ସଦସ୍ୟମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ସ୍ୱାମୀ ବିବେକାନନ୍ଦ ଲୋକସଂସଦ ପକ୍ଷରୁ ଜନ୍ମାଷ୍ଟମୀ ମିଳନ

କେନ୍ଦୁଝର, (ପି.ଏନ): ସ୍ୱାମୀ ବିବେକାନନ୍ଦ ଲୋକସଂସଦ,କେନ୍ଦୁଝର ପକ୍ଷରୁ ପବିତ୍ର ଜନ୍ମାଷ୍ଟମୀ ମିଳନ କୁଶଳେଶ୍ୱର ନିକଟସ୍ଥ ନୂଆପଡାସ୍ଥିତ ଭବ୍ୟ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗତକାଲି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଜନ୍ମାଷ୍ଟମୀ ଅବସରରେ ପୂଜାର୍ଚ୍ଚନା ସହ ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ସଭା କେନ୍ଦୁଝର ଜିଲ୍ଲାର ସଭାପତି ଡକ୍ଟର ବିମ୍ବାଧର ବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଏହି ସଭାରେ ନୈତିକ ସଚେତନତା ସମ୍ପର୍କରେ ପ୍ରସ୍ତାବମାନ ଆଲୋଚନା ହୋଇଥିଲା। ଏଥିରେ ଉପସଭାପତି ଜଗନ୍ନାଥ ପଣ୍ଡା,ସମ୍ପାଦକ ପ୍ରାଧ୍ୟାପକ ବିଜୟ କୁମାର ସାହୁ ,ଉତ୍ତର ସମ୍ଭାଗ ମୋ ଗାଁ ଦାୟିତ୍ୱ ର ଆବାହକ ଡକ୍ଟର ବନ ବିହାରୀ ମିଶ୍ରଙ୍କ ସମେତ ସୁରେନ୍ଦ୍ର ନାଥ ଜେନା,ସଞ୍ଜୟ କୁମାର ପାତ୍ର,ରଘୁନାଥ ପଣ୍ଡା,ସୂରଜ କୁମାର ପଟ୍ଟନାୟକ,ଦିଲ୍ଲୀପ କୁମାର ଭୂୟାଁ,ମିଳନ କୁମାର ପତି,ସୁଦର୍ଶନ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନକୁ ଅନୁସରଣ କରି ସମାଜରେ ନୈତିକତା ପରିବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହା ପରେ ମନ୍ଦିର କପ୍ରାଙ୍ଗଣରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ହୋଇଥିଲା। ଶେଷରେ ନାରାୟଣ ଚନ୍ଦ୍ର ବୋଇତାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ୟା ପ୍ରପିଡିତଙ୍କୁ ରିଲିଫ ବାଣ୍ଟିଲେ ସାଂସଦଙ୍କ ପ୍ରତିନିଧି ପ୍ରତାପ



କେନ୍ଦ୍ରାପଡ଼ା,(ପି.ଏନ): ବନ୍ୟା ପାଣି ଘେରରେ ଥିବା କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ରାଘବପୁର ପଞ୍ଚାୟତର ମାଣ୍ଡିଆ ଓ କୁଦ ମାଣ୍ଡିଆ ଗ୍ରାମର ବନ୍ୟା ପ୍ରପିଡିତମାନଙ୍କ ପାଖରେ ଡଙ୍ଗା ସାହାଯ୍ୟରେ ପହଞ୍ଚି ସେମାନଙ୍କ ଦୁଃଖ ସୁଖରେ ସାମିଲ ହେବା ସହ ରିଲିଫ ବଣ୍ଟନ କରିଛନ୍ତି କେନ୍ଦ୍ରାପଡା ଲୋକସଭା ସାଂସଦଙ୍କ ମହାକାଳପଡା ବ୍ଲକ ପ୍ରତିନିଧି ତଥା ଯୁବ ସମାଜସେବୀ ପ୍ରତାପ ଚନ୍ଦ୍ର ଦାସ। ସେହି ଗ୍ରାମ ଦୁଇଟିର ବନ୍ୟା ପାଣି ଘେରରେ ଥିବା ପରିବାର ଗୁଡିକୁ ଚୂଡ଼ା, ଚିନି, ବିସ୍କୁଟ, ମହମବତୀ ଓ ଦିଆସିଲି ପ୍ରଭୃତି ଥିବା ରିଲିଫ ପ୍ୟାକେଟ ପ୍ରଦାନ କରିଥିଲେ ଶ୍ରୀ ଦାସ। ଏଥିସହିତ ଗାଧୋଇବାକୁ ଯାଇଥିବା ବେଳେ ଗୋଡଖସିଯିବାରୁ ନଦୀର ପ୍ରଖର ସ୍ରୋତରେ ଭାସି ଯାଇଥିବା ମାଣ୍ଡିଆ ଗ୍ରାମର ଟହଲି ସାହୁ(୭୭)ଙ୍କ ପରିବାର ନିକଟରେ ପହଞ୍ଚି ସେମାନଙ୍କୁ ଆଶ୍ୱାସନା ପ୍ରଦାନ କରିଥିଲେ ସମାଜସେବୀ ଶ୍ରୀ ଦାସ। ଏହି ରିଲିଫ ପ୍ରଦାନ କାର୍ଯ୍ୟକ୍ରମରେ ଶ୍ରୀ ଦାସଙ୍କ ସହିତ ସମାଜସେବୀ ସନ୍ତୋଷ କୁମାର ବେହେରା ଓ ଇଂ ମାନସରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦ୍ରାପଡାରେ ସଦଭାବନା ଦିବସ ପାଳିତ

କେନ୍ଦ୍ରାପଡ଼ା,(ପି.ଏନ) : ପୂର୍ବତନ ପ୍ରାଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୭୮ତମ ଜନ୍ମବାର୍ଷିକ ଉପଲକ୍ଷେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଶନିବାର ପୂର୍ବାହ୍ନ ୧୧ଟା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସଦଭାବନା ଦିବସ ପାଳନ ଉପଲକ୍ଷେ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପିତାମ୍ବର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶପଥ ପାଠ କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ଜାତି,ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକତାବଦ୍ଧ ଭାବେ ଭାରତର ଅଖଣ୍ଡତା ବଜାୟ ରଖିବା ପାଇଁ ଉଦ୍ୟମ କରିବା ସହ ଅହିଂସା ନୀତିରେ ଅନୁପ୍ରାଣିତ ହୋଇ ପରସ୍ପର ମଧ୍ୟରେ ଥିବା ଭେଦଭାବକୁ ଦୂର କରିବା ପାଇଁ ଶପଥ ନେଇଥିଲେ। ଏହି ଶପଥ ଗ୍ରହଣ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଦୁର୍ଗା ପ୍ରସାଦ ମହାରଣା, ସହକାରୀ ଜିଲ୍ଲାପାଳ ପୂର୍ଣ୍ଣଚନ୍ଦ୍ର ଜେନା, ଡେପୁଟୀ କଲେକ୍ଟର ସୁଶାନ୍ତ କୁମାର ନାୟକ, ବିଭିନ୍ନ ବିଭାଗର ସେକସନ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ଶପଥ ଗ୍ରହଣ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ କୁମାର ବଳିଆରସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମାଙ୍କଡ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ,ମାଙ୍କଡ ଗରୁତର ଆହତ



ଖୋର୍ଦ୍ଧା/ବେଗୁନିଆ,(ପିଏନ):ଦିନକୁ ଦିନ ଜଙ୍ଗଲ ଅବକ୍ଷୟ ଯୋଗୁଁ ହାତୀ,ଭାଲୁ,ବାଘ ଓ ମାଙ୍କଡ ଭଳି ବନ୍ୟପ୍ରାଣୀ ମାନେ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହୋଇଥିବାର ଦେଖିବାକୁ ମିଳୁଛି । ଏପରିକି ଖାଦ୍ୟର ଭାଗ ପାଇବା ପାଇଁ ଉଭୟଙ୍କ ଭିତରେ କଳହ ଲାଗି ଗୁରୁତର ଆହତ ହୋଇ ମୃତ୍ୟୁ ବରଣ କରିଥାନ୍ତି । ଶନିବାର ଦିନ ପୂର୍ବାହ୍ନରେ ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ପେଟ୍ରୋଲ ପମ୍ପ ଢାବା ନିକଟରେ ମାଙ୍କଡ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଏଥିରେ ଗୋଟିଏ ମାଙ୍କଡକୁ ଆକ୍ରମଣ କରି ପିଠି ଓ ଶରୀରର ବିଭିନ୍ନ ଅଂଶକୁ କ୍ଷତାକ୍ତ କରିଦେଇଥିବା ବେଳେ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ସିମୋରସ୍ଥିତ ବେଗୁନିଆ ବନଖଣ୍ଡ କାର୍ଯ୍ୟାଳୟକୁ ଖବର ଦେଇଥିଲେ । ବନପାଳ ପ୍ରିୟ ଦର୍ଶନୀ ସେଠୀ ଓ ବାଘମାରୀ ଥାନା ଅଧିକାରୀ ପ୍ରଜ୍ଞା ରିତମ୍ବରା କର ପହଂଚି ଗୁରୁତର ମାଙ୍କଡର ଚିକିତ୍ସା ନିମିତ ଖୋର୍ଦ୍ଧା ସ୍ଥିତ ପ୍ରାଣୀ ଚିକିତ୍ସାଳୟକୁ ପଠାଇବାର ବନ୍ଦୋବସ୍ତ କରିଥିଲେ । ଖବର ଲେଖା ହେଲା ବେଳକୁ ଶ୍ରୀମତୀ ସେଠୀଙ୍କୁ ଘଟଣା ସମ୍ପର୍କରେ ପଚାରିବାରେ ମାଙ୍କଡଟି ବର୍ତମାନ ସୁଦ୍ଧା ଚିକିତ୍ସିତ ହୋଇ ସୁସ୍ଥ ରହିଛି ବୋଲି ସୂଚନା ଦେଇଥିଲେ । ସୂଚନା ଥାଉକି ବେଗୁନିଆ ବ୍ଲକରେ ପ୍ରାଣୀ ଚିକିତ୍ସାଳୟ ରହିଥିବା ବେଳେ ମାଙ୍କଡଟିର ଚିକିତ୍ସା ପାଇଁ ଖୋର୍ଦ୍ଧା ନେବା ଘଟଣାଟି ଲୋକଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି ।ଏହି ଚିକିତ୍ସାଳୟରେ ଦୀର୍ଘ ଦିନ ହେବ କେହି ମୁଖ୍ୟ ଅଧିକାରୀ ନ ଥିବାରୁ ପଦବୀଟି ଖାଲି ରହିଥିବାରୁ ଚିକିତ୍ସା କିଭଳି ଚାଲିଥିବ ଏଥିରୁ ସ୍ପଷ୍ଟ ଭାବେ ଅନୁମେୟ ।

## ଅଧା ବୁଡ଼ିଛି ରାଜଧାନୀ ସରକାରଙ୍କ ନିଦ ଭାଙ୍ଗୁନି

ଭୁବନେଶ୍ୱର,(ପି.ଏନ): ମହାନଦୀରେ ବନ୍ୟା ପାଣି ଆସିବା ପରେ କୁଆଖାଇ, ଦୟାନଦୀର ପାର୍ଶ୍ୱବର୍ତି ଅଂଚଳ ବନ୍ୟା ଘେରରେ ରହିଛି। ରାଜଧାନୀର ତଳିଆ ଅଂଚଳ ଗୁଡ଼ିକରେ ବସବାସ କରୁଥିବା ଲୋକମାନେ ଅସହାୟ ଅବସ୍ଥାରେ ଅଛନ୍ତି। ସୁନ୍ଦରପଦା, ଲିଙ୍ଗିପୁର, ଇଟିପୁର, କଲ୍ୟାଣପୁର, ଟିକରପଡ଼ା, ନୂଆଗାଁ, ନାଥପୁର ଗ୍ରାମବାସୀମାନେ ଅନାଥ ଅବସ୍ଥାରେ ଅଛନ୍ତି। ସେହିପରି ଚନ୍ଦକା ଓ ଅନ୍ୟାନ୍ୟ ଅଂଚଳ ବୁଡ଼ିଯିବାରୁ ଲୋକମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖିନ ହୋଇଛନ୍ତି। ହାଇଟେକ ଅଂଚଳରୁ ଲୋକମାନେ ପିଲାଛୁଆ ଧରି ପ୍ରାଣ ବିକଳରେ ଅନ୍ୟ ସ୍ଥାନକୁ ପଳାଇଛନ୍ତି। ସ୍ମାର୍ଟସିଟି ରାଜଧାନୀକୁ ବନ୍ୟା ବିପଦ ଘେରି ରହିଥିବା ବେଳେ ଏହାର ନିରାକରଣ ପାଇଁ ବିଏମସି ବା ପ୍ରଶାସନ ପାଖରେ ପ୍ରତିକାରର ବ୍ୟବସ୍ଥା କିଛି ନାହିଁ। ରାଜଧାନୀ ଉପକଣ୍ଠ ଅଂଚଳରୁ ପାଣି କିଭଳି ନିଷ୍କାସନ ହେବ ତାର ଯଥାର୍ଥ ଉପାୟ କରାଯାଇ ନାହିଁ।

## ଜିଲ୍ଲା କଂଗ୍ରେସ ଭବନରେ ସଦଭାବନା ଦିବସ ପାଳିତ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ କମିଟି ଆନୁକୂଲ୍ୟରେ କଜଳାସ୍ଥିତ ଜିଲ୍ଲା କଂଗ୍ରେସ ଭବନରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗୀୟ ରାଜୀବ ଗାନ୍ଧୀଙ୍କ ୭୮ତମ ଜୟନ୍ତୀ ତଥା ସଦଭାବନା ଦିବସ ଶନିବାର ପାଳିତ ହୋଇଯାଇଛି। ପ୍ରାରମ୍ଭରେ କଂଗ୍ରେସ ଭବନ ପରିସରରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ କଂଗ୍ରେସ ଭବନ ସଭାଗୃହରେ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଫଟୋଚିତ୍ରରେ ଉପସ୍ଥିତ କଂଗ୍ରେସ ନେତୃମଣ୍ଡଳୀ ଓ କର୍ମୀମାନେ ମାଲ୍ୟାର୍ପଣ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଜିଲ୍ଲା କଂଗ୍ରେସ କମିଟିର ବରିଷ୍ଠ ଉପସଭାପତି ପ୍ରଫୁଲ୍ଲ କୁମାର ଦାସ ସଭାପତିତ୍ୱ କରି ନିଜର ଅଭିଭାଷଣରେ ସ୍ୱର୍ଗତ ସ୍ୱର୍ଗତ ଗାନ୍ଧୀଙ୍କର ଭାରତବର୍ଷ ପାଇଁ ଥିବା ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଇନଫରମେସନ ଟେକ୍ନୋଲୋଜି କାର୍ଯ୍ୟକ୍ରମକୁ ଭାରତବର୍ଷରେ କାର୍ଯ୍ୟକ୍ଷମ କରାଇଥିବାରୁ ଅର୍ଥନୈତିକ, ସାମାଜିକ ବ୍ୟବସ୍ଥାର ଅଗ୍ରଗତି ପଥରେ ଆଜି ଦେଶ ସର୍ବାଗ୍ରେ ରହିଛି। ଯୁବ ସମାଜକୁ ବେକାରୀରୁ ବଞ୍ଚିତ କରାଇବା, ୧୮ବର୍ଷର ଯୁବକ, ଯୁବତୀମାନଙ୍କୁ ଭୋଟଦାନରେ ସାମିଲ କରାଇବା ଓ ପଞ୍ଚାୟତିରାଜ ବ୍ୟବସ୍ଥାକୁ ତୃଣମୂଳ ସ୍ତରର ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାର ସୁବନ୍ଦୋବସ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଫକିର ଚରଣ ଖଟୁଆ, ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ମୁକ୍ତାର ଖାଁ, ରାଜମୋହନ ସ୍ୱାଇଁ, କମଳାକାନ୍ତ ବେହେରା, ସର୍ବେଶ୍ୱର ସେଠୀ, ସଂଜୀବ ବିଶ୍ୱାଳ ପ୍ରମୁଖ ସ୍ୱର୍ଗତ ଗାନ୍ଧୀଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ।

# ଟଭାକୁଦ ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର



ଆନନ୍ଦପୁର,(ପି.ଏନ):ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବୁଢୀକୁଦ ପଂଚାୟତ ଟଭାକୁଦ ଗ୍ରାମର ନଦୀକୂଳରେ ଥିବା ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକର ମୃତଦେହକୁ ଗ୍ରାମବାସୀ ଦେଖି ଆନନ୍ଦପୁର ଥାନାକୁ ଖବର ଦେଇଥିଲେ । ଘଟଣା ଅନୁସାରେ ଟଭାକୁଦ ଗ୍ରାମର ଶିବ ଚରଣ ମହାନ୍ତିଙ୍କ ବଡପୁଅ ଶ୍ରୀନିବାସ ମହାନ୍ତି (୩୦) ଗତକାଲି ଦିନ ୨ଟା ବେଳେ ଗାଧୋଇ ଯିବାକୁ କହି ଆଉ ଫେରି ନଥିଲେ । ଘର ଲୋକେ ବ୍ୟସ୍ତ ହୋଇ ବହୁ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କୁ ନପାଇବାରୁ ମୃତ ଶ୍ରୀନିବାସଙ୍କ ଦାଦା ଆନନ୍ଦପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଆଜି ସକାଳ ୬ ଘଟିକା ସମୟରେ ଗ୍ରାମବାସୀମାନେ ଜଙ୍ଗଲକୁ ଯାଇଥିବା ବେଳେ ଏକ ଗଛରେ ଶ୍ରୀନିବାସଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ । ସଙ୍ଗେ ସଙ୍ଗେ ପରିବାର ଲୋକଙ୍କୁ ଜଣାଇବା ପରେ ପରିବାର ଲୋକେ ଆନନ୍ଦପୁର ଥାନାକୁ ଜଣାଇଥିଲେ । ଆନନ୍ଦପୁର ଥାନାଧିକାରୀଙ୍କ ସହିତ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଥିବାବେଳେ ଆନନ୍ଦପୁର ଅଗ୍ନିଶମ ବାହିନୀ ମୃତଦେହକୁ ତଳକୁ ଓହ୍ଲାଇ ଥିଲେ । ଗ୍ରାମବାସୀଙ୍କ ଦ୍ୱାରା ମୃତଦେହକୁ ଜଙ୍ଗଲରୁ ଗ୍ରାମ ନିକଟକୁ ଅଣାଯିବା ପରେ ଆନନ୍ଦପୁର ଥାନାଧିକାରୀ ମନୋରନ ପ୍ରଧାନ,ସବ୍‌ଇନ୍ସପେକ୍ଟର ଦ୍ୱାରିକାନାଥ ସେଠୀ, ଏଏସ୍‌ଆଇ ସିଲୁ ମଲ୍ଲିକଙ୍କ ଉପସ୍ଥିତିରେ ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଥିଲେ । ଶ୍ରୀନିବାସଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳି ଯାଇଥିବା ବେଳେ ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି ପୋଲିସ୍ ଏହାର ତଦନ୍ତ ଜାରି ରଖିଛି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray